- Vol.- 45, Issue No. 342
- Monday, 16 March 2026
- ସୋମବାର, ୧୬ ମାର୍ଚ୍ଚ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com


ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

# THE DINALIPI


https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com





# ମନୁଷ୍ୟ ଭିତରେ ରହି ଆତ୍ମା, ହୃଦୟ ଓ ଶରୀରକୁ ନଷ୍ଟ କରେ ଶତ୍ରୁ



ଥରେ ପାଣ୍ଡବମାନେ ବନବାସରେ ଥାଆନ୍ତି । ଏହି ସମୟରେ ତାଙ୍କ କୁଟୀରରେ ମାର୍କଣ୍ଡେୟ ମୁନି ପହଞ୍ଚିଲେ । ଏହି ସମୟରେ ଯୁଧିଷ୍ଠିର ନାରୀମାନଙ୍କ ସମ୍ପର୍କରେ ଚର୍ଚ୍ଚା କରି କହିଲେ- ନାରୀମାନଙ୍କ ନିକଟରେ ସହନଶୀଳତା ଏବଂ ସତୀତ୍ୱ ଭଳି ଗୁଣ ଦେଖିବାକୁ ମିଳିଥାଏ । ଏହା ଅତ୍ୟନ୍ତ ମହାନ ଗୁଣ । ଶିଶୁକୁ ଜନ୍ମ ଦେବା ସମୟରେ ନାରୀଟିଏ ଅନେକ କଷ୍ଟ ସହିଥାଏ । ପତିର ଅତ୍ୟାଚାର ମଧ୍ୟ ସହିଥାଏ । ଶିଶୁର ଲାଳନପାଳନ କରିଥାଏ । ନାରୀର ଏହି ଦକ୍ଷତା ଅନ୍ୟମାନଙ୍କ ପାଇଁ ଉଦାହରଣ । ଏହା ଶୁଣି ମାର୍କଣ୍ଡେୟ ମୁନି ଯୁଧିଷ୍ଠିରଙ୍କୁ ଏକ ପୌରାଣିକ କଥା ଶୁଣାଇଲେ । ଗୋଟିଏ ଗାଁରେ କୌଶିକ ନାମରେ ଜଣେ ବ୍ରାହ୍ମଣ ରହୁଥିଲେ । ସେ ବ୍ରହ୍ମଚର୍ଯ୍ୟ ବ୍ରତରେ ଅଟଳ ରହିଥିଲେ । ଦିନେ ସେ ଗଛ ଛାଇରେ ବସି କଥାବାର୍ତ୍ତା ହେଉଥିଲେ । ଏହି ସମୟରେ ତାଙ୍କ ମସ୍ତକରେ ଏକ ଚଢ଼େଇ ମଳତ୍ୟାଗ କରିଦେଲା । କୌଶିକ ଦେଖିଲେ ଯେ ଗଛ ଉପରେ ଏକ ବଗ ବସିଛି । ସେ ଭାବିଲେ, ତାଙ୍କ ଉପରେ ସେହି ବଗ ମଳତ୍ୟାଗ କରିଛି । ସେ କ୍ରୋଧିତ ହେଲେ । ତାଙ୍କର କ୍ରୋଧପୂର୍ଣ୍ଣ ଦୃଷ୍ଟି ପଡ଼ିବାରୁ ବଗ ପୋଡ଼ି ହୋଇ ଭସ୍ମ ହୋଇଗଲା । ବଗର ମୃତ ଶରୀର ଦେଖି ବ୍ରାହ୍ମଣ କୌଶିକ ପ୍ରାୟଶ୍ଚିତ କଲେ । ଏହି ଘଟଣା ପରେ ସେ ଅତ୍ୟନ୍ତ ଦୁଃଖିତ ହେଲେ । ଏକ ନିର୍ଦ୍ଦୋଷ ପକ୍ଷୀକୁ ମାରିଦେଇଥିବାରୁ ତାଙ୍କ ମନ ପଶ୍ଚାତାପର ଅଗ୍ନିରେ ଜଳିବାକୁ ଲାଗିଲା । ତେବେ ଭିକ୍ଷାଟନର ସମୟ ହୋଇସାରିଥିବାରୁ ସେ ନିଜ ଗନ୍ତବ୍ୟ ପଥରେ ଚାଲିଲେ । ଏକ ଘର ବାହାରେ ଛିଡ଼ା ହୋଇ ସେ ଭିକ୍ଷା ଯାଚନା କଲେ । ଏହି ସମୟରେ ସେ ଯେଉଁ ଘର ସମ୍ମୁଖରେ ଛିଡ଼ା ହୋଇଥିଲେ, ସେହି ଘରର ମୁଖିଆ ବାହାରୁ ଆସି ପହଞ୍ଚିଲେ । ମୁଖିଆଙ୍କ ପତ୍ନୀ ନିଜ ପତିଙ୍କୁ ଖାଇବା ପରଷିଲେ । ବ୍ରାହ୍ମଣ କୌଶିକଙ୍କ ଆଡ଼କୁ ଧ୍ୟାନ ଦେଲେ ନାହିଁ । କୌଶିକ ଦ୍ୱାରରେ ଛିଡ଼ା ହେବାର ଅନେକ ସମୟ ବିତିଯିବା ପରେ ମହିଳା ଜଣକ ଭିକ୍ଷା ଧରି ଆସି ପହଞ୍ଚିଲେ । ବ୍ରାହ୍ମଣ କୌଶିକ ସେତେବେଳକୁ ରାଗିଯାଇଥାନ୍ତି । ସେ କହିଲେ, ମୁଁ ଅନେକ ସମୟ ଧରି ଏଠି ଛିଡ଼ା ହୋଇଛି । ଏହାପରେ ମହିଳା ଜଣକ କହିଲେ, ବ୍ରାହ୍ମଣ ଶ୍ରେଷ୍ଠ! ମୁଁ ନିଜ ପତିଙ୍କ ସେବାରେ ବ୍ୟସ୍ତ ଥିଲି । ସେଥିପାଇଁ ବିଳମ୍ବ ହୋଇଗଲା । କୌଶିକ କହିଲେ, ନିଜ ପାତିବ୍ରତ୍ୟ ପାଇଁ ତୁମ ମନରେ ଅହଂକାର ଉତ୍ପନ୍ନ ହୋଇ ସାରିଲାଣି । ଏହାଶୁଣି ସେହି ମହିଳା କହିଲେ, ଆପଣ ରାଗନ୍ତୁ ନାହିଁ ମୁନିବର! ଆପଣଙ୍କୁ ମୁଁ ପ୍ରାର୍ଥନା କରୁଛି । ଆପଣ ମୋତେ ସେହି ଗଛରେ ବସିଥିବା ବଗ ବୋଲି ଭାବନ୍ତୁ ନାହିଁ । ଆପଣଙ୍କ କ୍ରୋଧ ଜଣେ ପତିବ୍ରତା ସତୀ ନାରୀର କିଛି ବି କରିପାରିବ ନାହିଁ। ମୁଁ ସାଧାରଣ ବଗ ନୁହେଁ । ମହିଳାଙ୍କ ସେହି କଥା ଶୁଣି ମୁନି ଚକିତ ହେଲେ । ତାଙ୍କ ପାଇଁ ସେହି କ୍ଷଣ ଅତ୍ୟନ୍ତ ଅପମାନଜନକ ଥିଲା । ସେ ଭାବିଲେ, ମହିଳା ଜଣକ ଉକ୍ତ ବଗ କଥା କିଭଳି ଜାଣିଲେ ? ସେ ଏହା ଭାବୁଥିବା ସମୟରେ ମହିଳା ଜଣକ କହିଲେ, ମୁନିବର! ଆପଣ ଧର୍ମର ମର୍ମ କ'ଣ ଜାଣନ୍ତି ନାହିଁ । କ୍ରୋଧ ସବୁଠୁ ବଡ଼ ଅଧର୍ମ ବୋଲି ବୋଧହୁଏ ଆପଣ ଅବଗତ ନୁହନ୍ତି । କ୍ରୋଧ ଏମିତି ଏକ ଶତ୍ରୁ ଯାହା ମନୁଷ୍ୟର ଶରୀର ଭିତରେ ରହି ତା'ର ଆତ୍ମା, ହୃଦୟ ଏବଂ ଶରୀରକୁ ନଷ୍ଟ କରିଚାଲିଥାଏ ।



# ପରୋପକାରାୟ ପୁଣ୍ୟାୟ



ପୁଣ୍ୟ ଅର୍ଜନ କରିବା ଲାଗି ଲୋକମାନେ ଭିନ୍ନ ଭିନ୍ନ ପନ୍ଥା ଆପଣାଇଥାନ୍ତି । ମନ୍ଦିରରେ ସୁନାର ମୁକୁଟ ଅର୍ପଣ କରିଥାନ୍ତି ! କିମ୍ବା ମନ୍ଦିରକୁ ମୋଟା ଅଙ୍କର ଦାନ ଦେଇଥାନ୍ତି । କେବେ କେବେ ଗରିବ ଲୋକଙ୍କୁ ଭୋଜନ ଦେଇଥାନ୍ତି । ଏହାବ୍ୟତୀତ ହୋମ କରାଇବା, କନ୍ୟାଦାନ କରିବା ଏବଂ ବେସାହାରା ଲୋକମାନଙ୍କୁ ସାହାଯ୍ୟ କରିଥାନ୍ତି । ଦ୍ୱାପର ଯୁଗର କଥା ମହର୍ଷି ବେଦବ୍ୟାସ ପୁରାଣ ରଚନା କରୁଥାନ୍ତି । ଏହି ସମୟରେ ପୁରାଣର ଅଧ୍ୟୟନ କରି ଏହାର ପ୍ରଚାରପ୍ରସାର ଲାଗି ସେ ଦେବର୍ଷି ନାରଦଙ୍କୁ କହିଲେ । ନାରଦ କହିଲେ ଯେ ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ପୁରାଣ ପଢ଼ିବା ମୋର କ୍ଷମତା ଠାରୁ ବାହାରେ । ତେଣୁ ସଂକ୍ଷେପରେ ପୁରାଣର ସାର ମୋତେ କୁହନ୍ତୁ । ଏହାଶୁଣି ବ୍ୟାସଦେବ କହିଲେ, "ଅଷ୍ଟାଦଶ ପୁରାଣେଶୁ ବ୍ୟାସସ୍ୟବଚନଦ୍ୱୟମ୍ । ପରୋପକାରାୟ ପୁଣ୍ୟାୟ ପାପାୟପରପୀଡ଼ନମ୍।।" ଅର୍ଥାତ୍ ସମସ୍ତ ପୁରାଣର ସାର ଏହା ଯେ ଅନ୍ୟକୁ କଷ୍ଟ ପହଞ୍ଚାଇବା ସବୁଠୁ ବଡ଼ ପାପ । ଆବଶ୍ୟକତା ପଡ଼ିଲେ ଅନ୍ୟକୁ ସହାଯ୍ୟ କରିବା ହେଉଛି ସବୁଠୁ ବଡ଼ ପୁଣ୍ୟ। ପରୋପକାରୀ ମନୁଷ୍ୟକୁ ତିନି ଲୋକରେ ସମ୍ମାନ ମିଳିଥାଏ । ପରୋପକାର କରିବା ଉଦ୍ଦେଶ୍ୟରେ ନଦୀ ପ୍ରବାହିତ ହୋଇଥାଏ। ବୃକ୍ଷ ଫଳ, ଫୁଲ ଓ ଛାଇ ପ୍ରଦାନ କରିଥାଏ । ଚନ୍ଦ୍ରମା ଶୀତଳତା, ସମୁଦ୍ର ବର୍ଷା, ଗାଈ ଦୁଗ୍ଧ, ବାୟୁ ପ୍ରାଣ ଶକ୍ତି ପ୍ରଦାନ କରିଥାନ୍ତି । ପୁରାଣରେ ବର୍ଣ୍ଣିତ ଅଛି ଯେ ପରୋପକାର ନିମନ୍ତେ ରାଜା ରନ୍ତିଦେବଙ୍କୁ ୪୦ ଦିନ ପର୍ଯ୍ୟନ୍ତ ଭୋକିଲା ରହିବାକୁ ପଡ଼ିଥିଲା। ଏହାପରେ ତାଙ୍କୁ ଭୋଜନ ମିଳିଥିଲା। ହେଲେ ଏହି ଭୋଜନ ସେ ତାଙ୍କ ନିକଟରେ ଅତିଥି ହୋଇଥିବା ଜଣେ ଭୋକିଲା ଲୋକକୁ ଦେଇଥିଲେ। ଠିକ୍ ସେହିପରି ଋଷି ଦଧୀଚି ଦେବତାମାନଙ୍କ ରକ୍ଷା ନିମନ୍ତେ ନିଜ ଅସ୍ଥି ପ୍ରଦାନ କରିଥିଲେ । ଯାହାଦ୍ୱାରା ଇନ୍ଦ୍ର ବଜ୍ର ନିର୍ମାଣ କରିଥିଲେ । ପରୋପକାର ନିମନ୍ତେ ଭଗବାନ ଶିବ ସମୁଦ୍ର ମନ୍ଥନରୁ ବାହାରିଥିବା ବିଷ ପାନ କରିଥିଲେ। କର୍ଣ୍ଣ ନିଜ କବଚ-କୁଣ୍ଡଳ ଯାଚକ ରୂପରେ ଆସିଥିବା ଇନ୍ଦ୍ରଙ୍କୁ ପ୍ରଦାନ କରିଦେଇଥିଲେ । ରାଜା ଶିବି ତାଙ୍କ ଶରଣକୁ ଆସିଥିବା ପାରା ପାଇଁ ନିଜ ଶରୀର ମାଂସ ପ୍ରଦାନ କରିଦେଇଥିଲେ ।

# 'ସମସ୍ତଙ୍କୁ ଭଲ ପାଅ, ସାହାଯ୍ୟ କର'

ସତ୍ୟସାଇ ଯେତେବେଳେ ଜନ୍ମହେଲେ ସେତେବେଳ ଘରେ ଥିବା ବାଦ୍ୟଯନ୍ତ୍ର ଆପେ ଆପେ ବାଜିବାକୁ ଲାଗିଲା ଏବଂ ଏକ ରହସ୍ୟମୟ ସର୍ପର ଆବିର୍ଭାବ ହେଲା । ସତ୍ୟସାଇ ଜନ୍ମରୁ ପ୍ରତିଭା ସଂପନ୍ନ ଥିଲେ । କୁହାଯାଏ ଯେ, ଭଗବାନ ସତ୍ୟନାରାୟଣଙ୍କ ପୂଜାର ପ୍ରସାଦ ଗ୍ରହଣ କରିବା ପରେ ଜନ୍ମ ଗ୍ରହଣ କରିଥିଲେ ସତ୍ୟସାଇ ବାବା । ତେଣୁ ତାଙ୍କର ନାମ ସତ୍ୟନାରାୟଣ ରଖାଗଲା । ସତ୍ୟସାଇ ବାବାଙ୍କ ପ୍ରଥମ ନାମ ହେଉଛି ସତ୍ୟନାରାୟଣ ରାଜୁ । ସତ୍ୟନାରାୟଣ ଯେତେବେଳେ ହାଇସ୍କୁଲ୍‌ରେ ପଢୁଥିଲେ ତାଙ୍କୁ ଏକ ବିଷାକ୍ତ ବିଛା କାମୁଡ଼ିଦେଲା ଏବଂ ସତ୍ୟନାରାୟଣ କୋମାରେ ପଡ଼ିଗଲେ । ଯେତେବେଳେ କୋମାରୁ ଉଠି ସୁସ୍ଥ ହେଲେ ତାଙ୍କର ବ୍ୟବହାର ବିଚିତ୍ର ହେବାକୁ ଲାଗିଲା। ସତ୍ୟନାରାୟଣ ଖାଇବା ପିଇବା ତ୍ୟାଗକରି କେବଳ ପୁରାଣ ଶ୍ଳୋକ ଓ ମନ୍ତ୍ର ଉଚ୍ଚାରଣରେ ଧ୍ୟାନ ଦେଲେ । ୮ ବର୍ଷ ବୟସରେ ସେ ଭଜନ ରଚନା କରୁଥିଲେ । ୧୪ ବର୍ଷ ବୟସରେ ୨୩ ମେ ୧୯୪୦ରେ ସତ୍ୟନାରାୟଣ ନିଜର ଅବତାର ବିଷୟରେ ଘୋଷଣା କଲେ ତଥା ଜୀବନକୁ ଲୋକଙ୍କ ସେବାରେ ସମର୍ପଣ କଲେ । ସତ୍ୟସାଇଙ୍କ



ବିଷୟରେ କୁହାଯାଏ ଯେ, ଭକ୍ତଙ୍କ ବିପତ୍ତି ସମୟରେ ବାବାଙ୍କୁ ଡ଼ାକିଲେ ତତ୍ପରତାର ସହ ଲୋକଙ୍କ କଥା ଶୁଣୁଥିଲେ । କୁହାଯାଏ ଶିରିଡ଼ିରେ ସାଇବାବା, ଆନ୍ଧ୍ରପ୍ରଦେଶରେ ସତ୍ୟସାଇ ବାବାଙ୍କ ପରେ କର୍ଣ୍ଣାଟକରେ ପ୍ରେମ ସାଇବାବାଙ୍କ ଆବିର୍ଭାବ ହେବ । ସତ୍ୟସାଇ ବାବା ଆଧ୍ୟାତ୍ମିକ ଗୁରୁ ଓ ପ୍ରେରକ ବ୍ୟକ୍ତିତ୍ୱ ଥିଲେ । ସତ୍ୟସାଇ ସର୍ବଦା ତାଙ୍କ ଭକ୍ତଙ୍କୁ ସାହାଯ୍ୟ କରୁଥିଲେ। ଭକ୍ତଙ୍କୁ ମୂଲ୍ୟବାନ ଉପଦେଶ ଦେଉଥିଲେ। ଭଲ ସ୍ୱଭାବ, ଶୁଦ୍ଧ ଆଚରଣ ପାଇଁ ଭକ୍ତଙ୍କୁ ବୁଝାଉଥିଲେ । ସତ୍ୟସାଇଙ୍କ ମତରେ କୌଣସି ଧର୍ମ ଉଚ୍ଚ ନୀଚ ନୁହେଁ । ଆମେ ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖିବା ପାଇଁ ସତ୍ୟସାଇ ଭକ୍ତମାନଙ୍କୁ ବୁଝାଉଥିଲେ । ସାଇବାବା ତାଙ୍କ ଜୀବନକାଳରେ ବହୁତ ଶିକ୍ଷଣ ସଂସ୍ଥା, ହସ୍‌ପିଟାଲ ଏବଂ ଅନ୍ୟାନ୍ୟ ମାନବସେବା କାର୍ଯ୍ୟ କରୁଥିଲେ । ପ୍ରଶାନ୍ତି ନିଲୟମରେ ବାବାଙ୍କର ବିଶ୍ୱସ୍ତରୀୟ ହସ୍‌ପିଟାଲ୍ ଏବଂ ରିସର୍ଚ୍ଚ ସେଣ୍ଟର ରହିଛି । ପୁଟ୍ଟୁପର୍ତ୍ତିସ୍ଥିତ ଏହି ହସ୍‌ପିଟାଲରେ ୨୨୦ଟି ଶଯ୍ୟା ରହିଛି ଏବଂ ନିଶୁଳ୍କ ସର୍ଜିକାଲ ଓ ମେଡ଼ିକାଲ କେୟାର ସୁବିଧା ପ୍ରଦାନ କରାଯାଇଛି । ବାଙ୍ଗାଲୋର ଠାରେ ୩୩୩ ଶଯ୍ୟା ବିଶିଷ୍ଟ ଶ୍ରୀ ସତ୍ୟସାଇ ଇନିଷ୍ଟିଚ୍ୟୁଟ୍ ଅଫ୍ ହାୟର ମେଡ଼ିକାଲ ସାଇନ୍ସ କାର୍ଯ୍ୟକରୁଛି । ସମସ୍ତଙ୍କୁ ଭଲ ପାଅ, ସାହାଯ୍ୟ କର, କାହାର ଅନିଷ୍ଟ ଚିନ୍ତା କରନାହିଁ ଏହିସବୁ କଥା ବାବା ଭକ୍ତମାନଙ୍କୁ କହୁଥାନ୍ତି । ସତ୍ୟସାଇ ବାବା ଆଧ୍ୟାତ୍ମିକ ଗୁରୁ ଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ସତ୍ୟ, ପ୍ରେମ, ଶାନ୍ତି, ସଦ୍‌ଭାବନା, ଅହିଂସା ଆଦି ନୈତିକ ମୂଲ୍ୟବୋଧର ସର୍ବଦା ପାଳନ କରିବା ଉଚିତ୍ ବୋଲି ବାବା ଭକ୍ତମାନଙ୍କୁ ବୁଝାଉଥିଲେ। ବାବା ଭାରତରେ ତିନୋଟି ମନ୍ଦିର ମଧ୍ୟ ସ୍ଥାପନ କରିଛନ୍ତି । ମୁମ୍ବାଇରେ ଧର୍ମକ୍ଷେତ୍ର, ହାଇଦ୍ରାବାଦରେ ଶିବମ୍ ଏବଂ ଚେନ୍ନାଇରେ ସୁନ୍ଦରମ୍ ମନ୍ଦିର । ଏହା ବ୍ୟତୀତ ପୃଥିବୀର ୧୧୪ ଦେଶରେ ସତ୍ୟସାଇଙ୍କ କେନ୍ଦ୍ର ସ୍ଥାପିତ ହୋଇଛି । ଭାରତ ବ୍ୟତିତ ସମଗ୍ର ବିଶ୍ୱରେ ବାବାଙ୍କର

*କୁହାଯାଏ ଶିରିଡ଼ିରେ ସାଇବାବା, ଆନ୍ଧ୍ରପ୍ରଦେଶରେ ସତ୍ୟସାଇ ବାବାଙ୍କ ପରେ କର୍ଣ୍ଣାଟକରେ ପ୍ରେମ ସାଇବାବାଙ୍କ ଆବିର୍ଭାବ ହେବ । ସତ୍ୟସାଇ ବାବା ଆଧ୍ୟାତ୍ମିକ ଗୁରୁ ଓ ପ୍ରେରକ ବ୍ୟକ୍ତିତ୍ୱ ଥିଲେ ।*

ଲକ୍ଷାଧିକ ଭକ୍ତ ରହିଛନ୍ତି । ୧୯୫୭ରେ ବାବା ଉତ୍ତର ଭାରତର ମନ୍ଦିର ଦର୍ଶନ କରିଥିଲେ । ୮୫ ବର୍ଷର ଶାନ୍ତିପୂର୍ଣ୍ଣ ଜୀବନ ପରେ ୨୪ ଏପ୍ରିଲ୍ ୨୦୧୧ରେ ସତ୍ୟସାଇ ଦେହତ୍ୟାଗ କରିଥିଲେ।

# ପୁରାଣ କ'ଣ ?



ହିନ୍ଦୁ ଧର୍ମ ଗ୍ରନ୍ଥରେ ବିଶ୍ୱର ଉତ୍ପତ୍ତି ଠାରୁ ଆରମ୍ଭ କରି ଜନ୍ମମୃତ୍ୟୁର ସଂପୂର୍ଣ୍ଣ ରହସ୍ୟ ବର୍ଣ୍ଣିତ ହୋଇଛି । ପୁରାଣ ହେଉଛି ହିନ୍ଦୁ ଧର୍ମ ସମ୍ବନ୍ଧୀୟ ପ୍ରସିଦ୍ଧ ଗ୍ରନ୍ଥ । ପୁରାଣରେ ପ୍ରାଚୀନ ମୁନି ଋଷି ଏବଂ ରାଜାଙ୍କ ବିଷୟରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରାଯାଇଛି । ସାଧାରଣ ଶବ୍ଦରେ କହିଲେ ବୈଦିକ କାଳ ପରେ ବର୍ଣ୍ଣିତ ଗ୍ରନ୍ଥଗୁଡ଼ିକୁ ପୁରାଣ କୁହାଯାଏ । ଭାରତୀୟ ଜୀବନଧାରାରେ ଯେଉଁ ଗ୍ରନ୍ଥର ସ୍ଥାନ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ତାହାକୁ ଧର୍ମବେଦ ଓ ପୁରାଣ କୁହାଯାଏ । ମହର୍ଷି ବେଦବ୍ୟାସଙ୍କ ଦ୍ୱାରା ୧୮ ପୁରାଣରେ ଅଲଗା ଅଲଗା ଦେବାଦେବୀଙ୍କ ପାପ-ପୁଣ୍ୟ, ଧର୍ମ-ଅଧର୍ମ, କର୍ମ ଓ ଅକର୍ମ ସମ୍ବନ୍ଧରେ ଲିପିବଦ୍ଧ ହୋଇଛି । ପୁରାଣ ଶବ୍ଦର ଅର୍ଥ ହେଉଛି ପ୍ରାଚୀନ କଥା । ପୁରାଣ ବିଶ୍ୱ ସାହିତ୍ୟର ପ୍ରାଚୀନତମ ଗ୍ରନ୍ଥ ଅଟେ । ଅନେକ ରହସ୍ୟ ଏବଂ ଜ୍ଞାନକୁ ନେଇ ଲିପିବଦ୍ଧ ହୋଇଛି । ବେଦର ଭାଷା ଓ ଶୈଳୀ ଅତ୍ୟନ୍ତ କଠିନ ଅଟେ । କିନ୍ତୁ ପୁରାଣରେ ଏହାର ଜ୍ଞାନ ସହଜ ତଥା ରୋଚକ ଭାବେ ବର୍ଣ୍ଣିତ ହୋଇଛି । ବେଦର ଜଟିଳ ତଥ୍ୟକୁ କଥାବସ୍ତୁ ମାଧ୍ୟମରେ ସାଧାରଣ ବୋଧଗମ୍ୟ କରାଯାଇଛି । ପୁରାଣରେ ଦୁନିଆର ସବୁଠାରୁ ପ୍ରାଚୀନ, ପବିତ୍ର ହିନ୍ଦୁ ଧର୍ମ ତଥା ଦେବୀ, ଦେବତାଙ୍କ ବର୍ଣ୍ଣନା ହୋଇଛି । କୁହାଯାଏ ଯେ, ସୃଷ୍ଟିର ରଚୟିତା ବ୍ରହ୍ମା ସର୍ବପ୍ରଥମେ ଯେଉଁ ପ୍ରାଚୀନ ଧର୍ମଗ୍ରନ୍ଥ ରଚନା କରିଥିଲେ ତାହାକୁ ପୁରାଣ ଭାବେ ସ୍ୱୀକାର କରାଯାଏ । ପୁରାଣର ମୁଖ୍ୟ ବ୍ରହ୍ମା, ବିଷ୍ଣୁ ତଥା ମହେଶ । ହିନ୍ଦୁ ଧର୍ମରେ ବ୍ରହ୍ମା, ବିଷ୍ଣୁ ଓ ମହେଶଙ୍କୁ ତ୍ରିଦେବ କୁହାଯାଏ ।



# ଅଶୋକପତ୍ରର ଔଷଧୀୟ ଗୁଣ

ଅଶୋକ ପତ୍ରର ଅନେକ ଔଷଧୀୟ ଗୁଣ ରହିଛି। ବୃକ୍ଷର ଛେଲିକୁ ଋତୁଚକ୍ରର ସମସ୍ୟା ସମାଧାନ ପାଇଁ ବ୍ୟବହାର କରାଯାଇଥାଏ। ଏହାର ଫୁଲକୁ ବାଟି ପିଇଲେ ନାଳରକ୍ତ ଝାଡା ବନ୍ଦ ହୋଇଥାଏ। ଛେଲି ଅଂଶଟି ପେଟରୋଗ, କୃମିଜନିତ ରୋଗ ଇତ୍ୟାଦିର ନିରାକରଣରେ ବ୍ୟବହାର କରାଯାଏ। ଛେଲିର ସିଝାଜଳ ସହ ମହୁ ମିଶାଇ ସେବନ କଲେ ପେଟ ସମସ୍ୟା ତଥା ଜରାୟୁରୋଗରୁ ଉପଶମ ମିଳିଥାଏ।ଏହି ସିଝାଜଳ ସହ ମିଶ୍ରି ଗୁଣ୍ଡ ଓ ମହୁ ମିଶାଇ ସେବନ କଲେ ଜ୍ୱର ତଥା ବାୟୁଜନିତ ରୋଗରୁ ରକ୍ଷା ମିଳିଥାଏ। ଏହି ବୃକ୍ଷର ମଞ୍ଜି ମୂତ୍ରାଶୟଜନିତ କୌଣସି ରୋଗର ନିଦାନ ପାଇଁ ବ୍ୟବହୃତ ହୁଏ। ଅଶୋକ ପତ୍ରରେ ବାରମୂଳିଆ, ବଥ, ବ୍ରଣ, କାଖଗୁଲି ଭଳି ଦେହକଷ୍ଟରୁ ରକ୍ଷା ମିଳିଥାଏ।





## ଆର୍ଥିକ ସଂକଟ ଦୂର କରିବ

# ମୟୂର ପର

ଧର୍ମ, ଜ୍ୟୋତିଷ ତଥା ବାସ୍ତୁଶାସ୍ତ୍ରରେ ମୟୂର ପରକୁ ବହୁତ ଗୁରୁତ୍ୱ ଦିଆଯାଇଛି । ଭଗବାନ ଶ୍ରୀକୃଷ୍ଣ ମୟୂରପରକୁ ନିଜ ମୁଣ୍ଡରେ ଧାରଣ କରିଥାନ୍ତି। ଯଦି ଶ୍ରାବଣରେ ମୟୂର ପରକୁ ନେଇ କିଛି ଖାସ୍ ଉପାୟ କରନ୍ତି ତେବେ ଭୋଳାନାଥଙ୍କ ବିଶେଷ କୃପା ପାଇବେ ବୋଲି ଶିବଭକ୍ତଙ୍କ ମଧ୍ୟରେ ବିଶ୍ୱାସ ରହିଛି। ଏହି ଉପାୟ ଦ୍ୱାରା ଆପଣଙ୍କର ଆର୍ଥିକ ସମସ୍ୟା, ନଜର ଦୋଷ, ଗ୍ରହ ଦୋଷ ଆଦିକୁ ମୁକ୍ତି ମିଳିଯିବ। ରାଷ୍ଟ୍ରୀୟ ପକ୍ଷୀ ଭାବେ ମାନ୍ୟତା ଦିଆଯାଇଥିବା ମୟୂରକୁ ଧାର୍ମିକ କଥାରେ ଉଚ୍ଚକୋଟୀର ସ୍ଥାନ ଦିଆଯାଇଛି। ଭଗବାନ ଶ୍ରୀକୃଷ୍ଣଙ୍କ ମୁକୁଟରେ ଲାଗିଥିବା ମୟୂର ପୁଚ୍ଛ ଏହି ପକ୍ଷୀର ଗୁରୁତ୍ୱକୁ ମଧ୍ୟ ଦର୍ଶାଇଥାଏ। ମୟୂର ପୁଚ୍ଛ ବ୍ୟକ୍ତିଙ୍କ ଜୀବନରେ ମଧ୍ୟ ବହୁତ ଗୁରୁତ୍ୱ ଦେଇଥାଏ। ମୟୂର ପୁଚ୍ଛରେ ବ୍ୟକ୍ତିଙ୍କର ସବୁ ଚିନ୍ତା ଦୂର କରିବାର ସାମର୍ଥ୍ୟ ରହିଥାଏ। ଜାଣନ୍ତୁ ମୟୂର ପୁଚ୍ଛ କେମିତି ଦୂର କରିଥାଏ ସମସ୍ୟା। ଶ୍ରାବଣ ମାସ ବିଶେଷ କରି ଭଗବାନ ଭୋଳାଶଙ୍କରଙ୍କୁ ସମର୍ପିତ କରାଯାଇଛି। ଏହି ମାସରେ କରାଯାଇଥିବା ଉପାୟର ଖୁବ ଶୀଘ୍ର ଫଳ ମିଳିଥାଏ। ସେମିତି ଜ୍ୟୋତିଷ ତଥା ବାସ୍ତୁ ଶାସ୍ତ୍ରରେ ମୟୂର ପର ଉପାୟକୁ ମଧ ବେଶି ଗୁରୁତ୍ୱ ଦିଆଯାଇଛି। ଯଦି ଶ୍ରାବଣ ମାସରେ ମୟୂର ପରର କିଛି ଉପାୟ କରାଯାଏ, ତେବେ ଆର୍ଥିକ ସଙ୍କଟ ଦୂର ସହ ଜୀବନରୁ ଅନେକ ସମସ୍ୟା ଦୂର ହୋଇଯିବ।

-ଯଦି ଟଙ୍କାକୁ ନେଇ ସମସ୍ୟା ରହିଛି ତେବେ ଧନ ପ୍ରାପ୍ତି ପାଇଁ ଭଗବାନ କୃଷ୍ଣ ଓ ରାଧାରାଣୀଙ୍କୁ ମନ୍ଦିରରେ ରଖି ମୟୂର ପର ଦେଇ ପୂଜା କରନ୍ତୁ। ୪୦ ଦିନ ପରେ ଏହାକୁ ନିଜ ବାକ୍ସରେ ରଖନ୍ତୁ। ଟଙ୍କା ଆପଣଙ୍କ ଘରକୁ ଅଧିକ ମାତ୍ରାରେ ଆସିବ।

-ଘରର ଦକ୍ଷିଣ-ପୂର୍ବ କୋଣରେ ମୟୂର ପର ଲଗାଇବା ଦ୍ୱାରା ଅଚାନକ କଷ୍ଟ ବା ସମସ୍ୟା ଆସି ନଥାଏ।

-ମୟୂର ପର କାଳ ସର୍ପ ଦୋଷକୁ ମଧ ଦୂର କରିଥାଏ। କାଳ ସର୍ପ ଦୋଷରେ ପ୍ରଭାବିତ ବ୍ୟକ୍ତି ସୋମବାର ରାତିରେ ନିଜର ତକିଆ ତଳେ ସାତଟି ମୟୂର ପର ରଖନ୍ତୁ।

-କୁହାଯାଏ ଯେ ମୟୂର ଏବଂ ସାପଙ୍କ ମଧ୍ୟରେ ଶତ୍ରୁତା ରହିଛି। ସାପ ଶନି ଏବଂ ରାହୁଙ୍କ ସଂଯୋଗରେ ହୋଇଥାଏ। ଏମିତିରେ ମୟୂର ପରକୁ ଘରର ପୂର୍ବ ଏବଂ ଉତ୍ତର ଦକ୍ଷିଣ କବାଟରେ ଲଗାଇବା ଦ୍ୱାରା ରାହୁ ଦୋଷର ସମସ୍ୟା ଆସିନଥାଏ।

-ନବଜାତ ଶିଶୁର ମୁଣ୍ଡ ଆଡକୁ ଦିନ-ରାତି ଏକ ମୟୂର ପରକୁ ଚାନ୍ଦିର ତାବିଜରେ ରଖିବା ଦ୍ୱାରା ଶିଶୁ ଡରି ନଥାଏ ଏବଂ ସବୁ ନଜର ଦୋଷରୁ ମୁକ୍ତି ପାଇଥାଏ।



# ତୁଳସୀକୁ ଉତ୍ତର ଦିଗରେ ରଖନ୍ତୁ

ଅଧିକାଂଶ ହିନ୍ଦୁ ଧର୍ମାବଲମ୍ବୀଙ୍କ ଘରେ ତୁଳସୀ ରହିଥାଏ। ତୁଳସୀକୁ ଭଗବାନ କୃଷ୍ଣ ଅଧିକ ପସନ୍ଦ କରନ୍ତି। କିଛି ଲୋକ ସନ୍ଧ୍ୟାରେ ତୁଳସୀ ମୂଳରେ ଦୀପ ଜଳାନ୍ତି। ହେଲେ ସମସ୍ତଙ୍କ ପାଇଁ ତୁଳସୀ ଶୁଭ ନୁହେଁ। ହେଲେ ଏହି ବୃକ୍ଷକୁ ଲଗାଇବା ଏବଂ ପୂଜା କରିବାକୁ ନେଇ ଅନେକ ନିୟମ ରହିଛି।

-କେବେ ବି ଦକ୍ଷିଣ ଦିଗରେ ତୁଳସୀକୁ ରଖନ୍ତୁ ନାହିଁ। କାରଣ ଏହା ଅଶୁଭ ଫଳ ଦେଇଥାଏ। ତୁଳସୀକୁ ସର୍ବଦା ଉତ୍ତର ଦିଗରେ ଲଗାନ୍ତୁ, ଏହା ବୁଧଙ୍କ ଦିଗ ବୋଲି ମାନ୍ୟତା ରହିଛି।

-ତୁଳସୀକୁ ଭୂମିରେ ଲଗାଇବା ଉଚିତ ନୁହେଁ। ଏହାକୁ ସର୍ବଦା କୁଣ୍ଡରେ ଲଗାଇବା ଉଚିତ। ଭୂମିରେ ଲଗାଇବା ଦ୍ୱାରା ତୁଳସୀ ଅଶୁଭ ଫଳ ଦେଇଥାଏ। ଏହାର ପ୍ରଭାବ ଘରେ ଥିବା ସଦସ୍ୟଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ।

-ରବିବାର ତୁଳସୀର ପୂଜାର୍ଚ୍ଚନା କରିବା ଉଚିତ ନୁହେଁ। ଏପରିକି ଏହି ଦିନ ତୁଳସୀ ପତ୍ର ଛିଡ଼ାଇବା ଉଚିତ ନୁହେଁ। ବାକି ଦିନରେ ତୁଳସୀପତ୍ରକୁ ସୂର୍ଯ୍ୟାସ୍ତ ପରେ ଛିଣ୍ଡାଇବା ଅନୁଚିତ।

-ତୁଳସୀକୁ ସର୍ବଦା ଘରର ଅଗଣା, ମଧ୍ୟସ୍ଥଳ, ପୂର୍ବ ନଚେତ ଉତ୍ତର ଦିଗରେ ରଖିବା ଆବଶ୍ୟକ।





*ତୁଳସୀକୁ ଭୂମିରେ ଲଗାଇବା ଉଚିତ ନୁହେଁ। ଏହାକୁ ସର୍ବଦା କୁଣ୍ଡରେ ଲଗାଇବା ଉଚିତ। ଭୂମିରେ ଲଗାଇବା ଦ୍ୱାରା ତୁଳସୀ ଅଶୁଭ ଫଳ ଦେଇଥାଏ। ଏହାର ପ୍ରଭାବ ଘରେ ଥିବା ସଦସ୍ୟଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ।*

CMYK

- Vol.- 45, Issue No. 342
- Monday, 16 March 2026
- ସୋମବାର, ୧୬ ମାର୍ଚ୍ଚ ୨୦୨୬
- Bhubaneswar
- Price: Rs. 2.00, Page: 3
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# କରଞ୍ଜିଆରେ ଭୟଙ୍କର କାଳବୈଶାଖୀ




- ୨ ମୃତ,୨୦ରୁ ଅଧିକ ଆହତ
- ବାଇକ, ସ୍କୁଟି, ଅଟୋ ଉଡ଼ି ପଡ଼ିଲା ପୋଖରୀ ଭିତରେ
- ବିଦ୍ୟୁତ୍ ଖୁଣ୍ଟ ମୋଡ଼ିଦେଲା, ତାର ଛିଣ୍ଡାଇଲା
- ଶତାଧିକ ଲୋକଙ୍କ ଘରର ଚାଳ ଉଡ଼ିଲା
- ୨୦ ଯାଏଁ ରାଜ୍ୟରେ କାଳବୈଶାଖୀ ଆଶଙ୍କା

କରଞ୍ଜିଆ,୧୫ ।୩: ପାଣିପାଗ ଠିକ୍ ଥିଲା। ହଠାତ୍ ଆକାଶରେ ଦେଖାଦେଲା ଘୂର୍ଣ୍ଣିଝଡ଼। ଧୂଳିକଣାରେ ଭର୍ତ୍ତି ହୋଇଗଲା ସାରା ଅଞ୍ଚଳ। ମୟୂରଭଂଜ କରଞ୍ଜିଆ ବ୍ଲକ ବଳା ଓ ତାଟୋ ପଞ୍ଚାୟତରେ ଅପରାହ୍ନ ପ୍ରାୟ ୪ଟାରେ ଘୂର୍ଣ୍ଣିଝଡର ତାଣ୍ଡବ ଲୋକଙ୍କୁ ହତବାକ୍ କରିଥିଲା। ପ୍ରବଳ କୁଆପଥର ବର୍ଷିଥିଲା । ତା' ସାଙ୍ଗକୁ କାଳବୈଶାଖୀ। ଏହି ବିପର୍ଯ୍ୟୟରେ ବ୍ୟାପକ କ୍ଷତି ହେବା ସହ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଗୁରୁତର ଏବଂ ୨୦ରୁ ଅଧିକ ଆହତ ହୋଇଥିବା ବେସରକାରୀ ଭାବରେ ଜଣାଯାଇଛି। ଅପରାହ୍ନ ୪ଟାରେ ବଳା ପଞ୍ଚାୟତର ଡୁମୁରିଆ ଗ୍ରାମରେ ଚକାଭଉଁରି ଖେଳି କଳାରଙ୍ଗର ଘୂର୍ଣ୍ଣିବାତ୍ୟା ମାଡ଼ି ଆସିଥିଲା। ଝଡ଼ର ପ୍ରକୋପ କିଆ ଓ ପାଣପୋଷି ଗ୍ରାମରେ ଆରମ୍ଭ ହୋଇ ଆଖପାଖ ଅଞ୍ଚଳରେ ତାଣ୍ଡବଲୀଳା ରଚିଥିଲା । କେହି କିଛି ବୁଝିବା ବେଳକୁ ଶତାଧିକ ଲୋକଙ୍କ ଘରର ଚାଳ ଉଡିବା ଆରମ୍ଭ ହୋଇଥିଲା। ବଡ଼ବଡ଼ ଗଛ ଭାଙ୍ଗିବା ସହ ବିଦ୍ୟୁତ୍ ଖୁଣ୍ଟ ମୋଡ଼ିଦେବା, ବିଦ୍ୟୁତ୍ ତାର ଛିଣ୍ଡାଇ ତଳେ ପକାଇଥିଲା। ବଡ଼ ବଡ଼ କୁଆପଥର ମାଡ ହୋଇଥିଲା। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା । ତାଟୋରୁ କରଞ୍ଜିଆ ଆଡକୁ ୨୨୦ନଂ ଜାତୀୟ ରାଜପଥ ଦେଇ ଆସୁଥିବା ବେଳେ କଙ୍କଡା ନିକଟରେ ଗୋଟିଏ ବାଇକ, ଗୋଟେ ସ୍କୁଟି ଓ ଗୋଟେ ଅଟୋକୁ ଉଡାଇନେଇ ନିକଟସ୍ଥ ପୋଖରୀ ଭିତରେ ପକାଇଥିଲା। ରାଜପଥ କଡରେ ଥିବା ବହୁ ଇଲେକ୍ଟ୍ରିଖୁଣ୍ଟ ଓ ଗଛଗୁଡିକ ଭାଙ୍ଗିଯିବା ଦ୍ୱାରା ରାସ୍ତା ଅବରୋଧ ହୋଇଥିଲା । ଘୂର୍ଣ୍ଣିଝଡ଼ର ପ୍ରଭାବ କମିବା ପରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ଉପଖଣ୍ଡ ପୁଲିସ ଅଧିକାରୀ, ଆଇଆଇସି, ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ଯାଇ ପୋଖରୀରୁ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ପ୍ରକୃତ ମୃତାହତ ଓ ଆହତଙ୍କ ସଂଖ୍ୟା ଜଣାପଡି ନାହିଁ। ତେବେ ଆହତଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ୨୦ରୁ ଊର୍ଦ୍ଧ୍ୱ ଆହତଙ୍କ ଚିକିତ୍ସା ଚାଲୁରହିଛି। ମୋଟ ଉପରେ ଘୂର୍ଣ୍ଣିଝଡ ଯୋଗୁଁ ଡୁମୁରିଆ, କିଆ, ପାଣପୋଷି ଓ କଙ୍କଡା ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ମୃତକଙ୍କ ମଧ୍ୟରେ ପୁରୁଣାପାଣି ଗ୍ରାମର ମାଳତୀ ମହାନ୍ତ ଓ କେନ୍ଦୁଝର ଜିଲ୍ଲା ପାଟଣା ଥାନା ହଳଦୀବଟା ଗ୍ରାମର ପୋଲିସ ନାୟକ ବୋଲି ଜଣାଯାଇଛି । ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ଆଶଙ୍କା ରହିଛି।

### ଆସାମ-ପଶ୍ଚିମବଙ୍ଗ-ତାମିଲନାଡୁ-କେରଳମ୍-ପୁଡୁଚେରୀ

# ବିଧାନସଭା ନିର୍ବାଚନ: ବାଜିଲା ବିଗୁଲ

- ୧୭ କୋଟିରୁ ଅଧିକ ଭୋଟର କରିବେ ମତଦାନ
- ମେ' ୪ରେ ଫଳାଫଳ




ନୂଆଦିଲ୍ଲୀ,୧୫ ।୩: ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି । ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳମ୍ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ପାଇଁ ନିର୍ବାଚନ ତାରିଖ ଘୋଷଣା କରାଯାଇଛି । ଚାରୋଟି ରାଜ୍ୟ ଏବଂ ଏକ କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚନରେ ୮୦୦ରୁ ଅଧିକ ବିଧାନସଭା ଆସନରେ ନିର୍ବାଚନ ହେବ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ ପୁଡୁଚେରୀରେ ପ୍ରାୟ ୧୭.୪ କୋଟି ଭୋଟର ସେମାନଙ୍କର ମତଦାନ କରିବେ । ମୋଟ ୨,୧୮,୮୦୭ ମତଦାନ କେନ୍ଦ୍ର ସ୍ଥାପନ କରାଯିବ। ୨୫ ଲକ୍ଷରୁ ଅଧିକ ନିର୍ବାଚନ ଅଧିକାରୀ ଡ୍ୟୁଟିରେ ରହିବେ । ପଶ୍ଚିମବଙ୍ଗରେ ଏପ୍ରିଲ ୨୩ ଓ ୨୯ ତାରିଖରେ ୨ଟି ପର୍ଯ୍ୟାୟରେ ନିର୍ବାଚନ ହେବ । ସେହିପରି ଅନ୍ୟ ୩ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମେ' ୪ ତାରିଖରେ ଫଳାଫଳ ଘୋଷଣା କରାଯିବ । ଆସାମ: ୯ ଏପ୍ରିଲ ମତଦାନ, ୪ ମେ' ଭୋଟ ଗଣତି (ଗୋଟିଏ ପର୍ଯ୍ୟାୟ), ପଶ୍ଚିମବଙ୍ଗ: ୨ଟି ପର୍ଯ୍ୟାୟରେ ନିର୍ବାଚନ, ପ୍ରଥମ ପର୍ଯ୍ୟାୟ ୨୩ ଏପ୍ରିଲ, ୨ୟ ପର୍ଯ୍ୟାୟ ୨୯ ଏପ୍ରିଲ , ୪ ମେ' ଭୋଟ ଗଣତି , ତାମିଲନାଡୁ: ୨୩ ଏପ୍ରିଲ ମତଦାନ, ୪ ମେ' ଭୋଟ ଗଣତି (ଗୋଟିଏ ପର୍ଯ୍ୟାୟ, କେରଳମ: ୯ ଏପ୍ରିଲ ମତଦାନ, ୪ ମେ' ଭୋଟ ଗଣତି (ଗୋଟିଏ ପର୍ଯ୍ୟାୟ) ପୁଡୁଚେରୀ: ୯ ଏପ୍ରିଲ ମତଦାନ, ୪ ମେ' ଭୋଟ ଗଣତି (ଗୋଟିଏ ପର୍ଯ୍ୟାୟ)ରେ କରାଯିବ । ଏହି ନିର୍ବାଚନରେ ୨୫ ଲକ୍ଷ ଅଧିକାରୀ ମୁତୟନ ରହିବେ ବୋଲି ସେ କହିଛନ୍ତି। ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୮୨୪ ନିର୍ବାଚନ ମଣ୍ଡଳୀ ପାଇଁ ୨ ଲକ୍ଷ ୧୯ ହଜାର ମତଦାନ କେନ୍ଦ୍ର ସ୍ଥାପନ ବ୍ୟବସ୍ଥା କରାଯାଇଛି। ୧୭ କୋଟି ୪ ଲକ୍ଷରୁ ଅଧିକ ଭୋଟର ମତଦାନ କରିବେ।

# ଫାଷ୍ଟଟ୍ୟାଗ୍ ଦର ୩,୦୭୫ କୁ ବୃଦ୍ଧି

### ଏପ୍ରିଲ ୧ରୁ ଲାଗୁ ହେବ

ନୂଆଦିଲ୍ଲୀ, ୧୫ ।୩: ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ଆଗାମୀ ଆର୍ଥିକ ବର୍ଷ ପାଇଁ ବାର୍ଷିକ ଫାଷ୍ଟଟ୍ୟାଗ ପାସର ଶୁଳ୍କ ୩,୦୦୦ ରୁ ୩,୦୭୫କୁ ବୃଦ୍ଧି କରିଛି। ନୂତନ ଦର ୧ ଏପ୍ରିଲରୁ ଲାଗୁ ହେବ। କେନ୍ଦ୍ରୀୟ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ କହିଛି ଯେ ଏହି ସଂଶୋଧନ ଜାତୀୟ ରାଜପଥ ଶୁଳ୍କ (ନିର୍ଦ୍ଧାରଣ ଏବଂ ସଂଗ୍ରହ) ନିୟମ, ୨୦୦୮ର ବ୍ୟବସ୍ଥା ଅନୁଯାୟୀ କରାଯାଇଛି। ଦେଶରେ ଘରୋଇ ଯାନବାହନ ମାଲିକଙ୍କ ମଧ୍ୟରେ ଫାଷ୍ଟଟ୍ୟାଗ ବାର୍ଷିକ ପାସ ଦ୍ରୁତ ଗ୍ରହଣୀୟ ହେଉଛି ଏବଂ ବର୍ତ୍ତମାନ ୫.୬ ନିୟୁତରୁ ଅଧିକ ଉପଭୋକ୍ତା ଅଛନ୍ତି। ବାର୍ଷିକ ପାସ ସୁବିଧା ୧୫ ଅଗଷ୍ଟ, ୨୦୨୫ ରେ ଆରମ୍ଭ ହୋଇଥିଲା। ପ୍ରାଧିକରଣ ଅନୁଯାୟୀ, ଏହା ଦେଶବ୍ୟାପୀ ରାଜପଥ ବ୍ୟବହାରକାରୀଙ୍କଠାରୁ ସକାରାତ୍ମକ ପ୍ରତିକ୍ରିୟା ପାଇଛି। ସଂଶୋଧିତ ଶୁଳ୍କ ଜାତୀୟ ରାଜପଥ ଏବଂ ଜାତୀୟ ଏକ୍ସପ୍ରେସୱେରେ ଅବସ୍ଥିତ ପ୍ରାୟ ୧,୧୫୦ ଟୋଲ୍ ପ୍ଲାଜାରେ ଲାଗୁ ହେବ। ଏହି ସୁବିଧା କେବଳ ବୈଧ ଫାଷ୍ଟଟ୍ୟାଗ ସହିତ ସଜ୍ଜିତ ଅଣ-ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ଉପଲବ୍ଧ।

### ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ନିର୍ଦ୍ଦେଶନାମା

# ସର୍ବସାଧାରଣ ସ୍ଥାନରୁ ହଟିବେ ଶିଶୁ ଭିକ୍ଷୁକ

ଭୁବନେଶ୍ୱର,୧୫ ।୩: ରାଜ୍ୟର ବିଭିନ୍ନ ସହରର ଟ୍ରାଫିକ ଛକ, ବସ୍‌ଷ୍ଟାଣ୍ଡ ଏବଂ ସର୍ବସାଧାରଣ ସ୍ଥାନରେ ଶିଶୁ ଭିକ୍ଷାବୃତ୍ତିକୁ ରୋକିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଏନେଇ ଆୟୋଗର ଅଧକ୍ଷା ବବିତା ପାତ୍ର ସମସ୍ତ ଜିଲ୍ଲାପାଳ, ପୋଲିସ ଅଧୀକ୍ଷକ ଏବଂ ପୌରପାଳିକା କମିଶନରଙ୍କୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି । ଶିଶୁ ଭିକ୍ଷାବୃତ୍ତିର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ପ୍ରତି ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ 'ଜିଲ୍ଲା ଟାସ୍କ ଫୋର୍ସ' ଗଠନ କରାଯିବ । ଏହି ଟିମ୍‌ରେ ପୋଲିସ ଅଧୀକ୍ଷକ, ପୌର କମିଶନର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଶ୍ରମ ଅଧିକାରୀ ପ୍ରମୁଖ ସଦସ୍ୟ ରହିବେ । ଏହି ଟାସ୍କ ଫୋର୍ସ ନିୟମିତ ଭାବେ ଚଢ଼ାଉ କରି ଭିକ୍ଷାବୃତ୍ତିରେ ନିୟୋଜିତ ଶିଶୁମାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କର ଥଇଥାନ ପାଇଁ ବ୍ୟବସ୍ଥା କରିବେ । ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ତୁରନ୍ତ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇ ସେମାନଙ୍କୁ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯିବ । ସେଠାରେ ସେମାନଙ୍କୁ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ କାଉନସେଲିଂ ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି ବା ଗୋଷ୍ଠୀ ଶିଶୁମାନଙ୍କୁ ଜବରଦସ୍ତି ଭିକ୍ଷାବୃତ୍ତିରେ ନିୟୋଜିତ କରୁଛନ୍ତି, ସେହିଭଳି ଦଲାଲଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶିଶୁ ଚୋରା ଚାଲାଣ ଏବଂ ଶୋଷଣ ଉପରେ ନଜର ରଖିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି । ସର୍ବସାଧାରଣଙ୍କୁ ଶିଶୁ ଭିକ୍ଷାବୃତ୍ତିକୁ ପ୍ରୋତ୍ସାହିତ ନ କରିବା ପାଇଁ ସଚେତନତା ସୃଷ୍ଟି କରାଯିବ। ଯଦି କେହି ଏପରି ଘଟଣା ଦେଖନ୍ତି, ତେବେ ତୁରନ୍ତ ଚାଇଲ୍ଡ ହେଲ୍ପଲାଇନକୁ ସୂଚନା ଦେବାକୁ କୁହାଯାଇଛି ।

### ଲୋହିତ ସାଗର-ଭାରତ ମହାସାଗରର ଏକମାତ୍ର ପଥ ସଂକଟରେ

# ହୁତି ବିଦ୍ରୋହୀଙ୍କ ଧମକ: ଏଥର ବନ୍ଦ କରିବୁ ବାବ୍



ନୂଆଦିଲ୍ଲୀ/ତେହେରାନ, ୧୫ ।୩: ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ରବିବାର ଷୋହଳ ଦିନରେ ପହଞ୍ଚିଛି। ଏକ ଅତ୍ୟନ୍ତ ବିପଜ୍ଜନକ ସ୍ଥିତିରେ ଯୁଦ୍ଧ ପହଞ୍ଚିଛି। ହର୍ମୁଜ୍ ପ୍ରଣାଳୀ ପରେ, ୟେମେନର ହୁତି ବିଦ୍ରୋହୀମାନେ ଏବେ ବାବ୍ ଅଲ୍-ମାଣ୍ଡେବକୁ ବନ୍ଦ କରିବାକୁ ଧମକ ଦେଇଛନ୍ତି। ଏହି ଧମକ ବିଶ୍ୱ ଅର୍ଥନୀତି ତଥା ବିଶ୍ୱ ବାଣିଜ୍ୟ ଉପରେ ନାନା ଆଶଙ୍କାର ଛାୟା ପକାଇଛି। ଯଦି ଏହି ସମୁଦ୍ର ପଥ ବନ୍ଦ ହୋଇଯାଏ, ତେବେ ୟୁରୋପ ଏବଂ ଏସିଆ ମଧ୍ୟରେ ବାଣିଜ୍ୟ ଗୁରୁତର ଭାବରେ ବାଧାପ୍ରାପ୍ତ ହେବ। ୟେମେନର ହୁତି ନେତା ଅବଦୁଲ ମାଲିକ ଅଲ-ହୁଥି ସ୍ପଷ୍ଟ କରିଛନ୍ତି, ଆମ ଯୋଦ୍ଧାମାନେ ଯେକୌଣସି ମୁହୂର୍ତ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ, ଏହା ଇରାନର ତିନି ପର୍ଯ୍ୟାୟ ଆକ୍ରମଣ ଆରମ୍ଭ କରିବା ରଣନୀତିର ଏକ ଅଂଶ। ପ୍ରଥମ ପଦକ୍ଷେପ ହେଉଛି ପଶ୍ଚିମ ଦେଶଗୁଡ଼ିକର ଆର୍ଥିକ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାବରେ ପଙ୍ଗୁ କରିବା ପାଇଁ ସମୁଦ୍ର ପଥଗୁଡ଼ିକୁ ଅବରୋଧ କରିବା।ବାବ୍ ଅଲ୍-ମାଣ୍ଡେବକୁ 'ଲୁହର ଦ୍ୱାର' ଭାବରେ ଜଣାଶୁଣା। କାରଣ ଏହା ଲୋହିତ ସାଗରକୁ ଭାରତ ମହାସାଗର ସହିତ ସଂଯୋଗ କରୁଥିବା ଏକମାତ୍ର ପଥ। ୨୯ କିଲୋମିଟର ଚଉଡାର ଏହି ପଥ ଏସିଆ ଏବଂ ୟୁରୋପ ମଧ୍ୟରେ ବାଣିଜ୍ୟର ଏକ ପ୍ରମୁଖ ସଂଯୋଗ। ସୁଏଜ କେନାଲ ଦେଇ ଯାତ୍ରା କରୁଥିବା ପ୍ରତ୍ୟେକ ଜାହାଜକୁ ଏହି ଗୁରୁତ୍ୱପୂର୍ଣ୍ଣ ସଂକୀର୍ଣ୍ଣ ଚ୍ୟାନେଲକୁ ପାର ହେବାକୁ ପଡିଥାଏ। ଏହି ସମୁଦ୍ର ପଥ ଦେଇ ପ୍ରତିଦିନ ପ୍ରାୟ ୮.୮ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ପରିବହନ ହୋଇଥାଏ। ଯାହା ବିଶ୍ୱର ମୋଟ ଯୋଗାଣର ୩୦ ପ୍ରତିଶତ ଅଟେ। ଯଦି ଏହି ମାର୍ଗ ବନ୍ଦ ହୋଇଯାଏ, ତେବେ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୦୦ ଡଲାର ଅତିକ୍ରମ କରିବା ଆଶଙ୍କା ରହିଛି। ଏହା ଇନ୍ଧନ ମୂଲ୍ୟ ବୃଦ୍ଧି କରିବା ସହିତ ବିଶ୍ୱ ମୁଦ୍ରାସ୍ଫୀତିର ଏକ ନୂଆ ସମୀକରଣ ସୃଷ୍ଟି କରିବା ଆଶଙ୍କାକୁ ବଳବତ୍ତର କରିଛି।

# ପିଏନ୍‌ଜି ଥିଲେ ଏଲପିଜି ସିଲିଣ୍ଡର ଫେରସ୍ତ କରନ୍ତୁ

ନୂଆଦିଲ୍ଲୀ,୧୫ ।୩ : ଆମେରିକା-ଇରାନ୍ ଯୁଦ୍ଧ ଯୋଗୁଁ ଭାରତ ମଧ ଏଲପିଜି ସଙ୍କଟ ଦେଇ ଗତି କରୁଛି। ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ କେନ୍ଦ୍ର ସରକାର ଏବେ ନିୟମରେ ବଡ଼ ପରିବର୍ତ୍ତନ ଆଣିଛନ୍ତି । ଏପରି ପରିସ୍ଥିତିରେ ପିଏନଜି ଗ୍ୟାସ୍ ବ୍ୟବସ୍ଥା ଥିବା ଗ୍ରାହକମାନେ ଘରୋଇ ଏଲପିଜି ସିଲିଣ୍ଡର ରଖିପାରିବେ ନାହିଁ। ସୂଚନାନୁଯାୟୀ,ଘରେ ପାଇପ୍ ଗ୍ୟାସ୍ (ପିଏନଜି)ଥିଲେ ଏଲପିଜି ସିଲିଣ୍ଡର ଫେରସ୍ତ କରନ୍ତୁ। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟ ପକ୍ଷରୁ ଏହି ନୂଆ ନିର୍ଦ୍ଦେଶାବଳୀ ଜାରି ହୋଇଛି । ଯେଉଁମାନଙ୍କ ଘରେ ରୋଷେଇ ପାଇଁ ପାଇପ୍ ପ୍ରାକୃତିକ ଗ୍ୟାସ୍ (ପିଏନଜି) ସଂଯୋଗ ଅଛି ସେମାନେ ଆଉ ଘରୋଇ ଏଲପିଜି ସିଲିଣ୍ଡର ରଖିପାରିବେ ନାହିଁ। ଯଦି ଉଭୟ ପିଏନଜି ଏବଂ ଏଲପିଜି ସଂଯୋଗ ଅଛି ତେବେ ତୁରନ୍ତ ନିଜର ଏଲପିଜି ସିଲିଣ୍ଡର ଗ୍ୟାସ୍ ଏଜେନ୍ସି ପାଖରେ ଫେରସ୍ତ କରିବାକୁ ପଡ଼ିବ। ଜଣେ ବ୍ୟକ୍ତି ଏକାସାଙ୍ଗରେ ଦୁଇ ପ୍ରକାରର ଘରୋଇ ଗ୍ୟାସ୍ ସୁବିଧା ନେବା ବେଆଇନ ବୋଲି ସରକାର ସ୍ପଷ୍ଟ କରିଛନ୍ତି।

### ବଂଶଧାରା ନାଗାବଳୀ ଡିଭିଜନର ଘଟିଲା ଅନ୍ତ

# ଆତ୍ମସମର୍ପଣ କଲେ ୧୧ ନକ୍ସଲ



ଭବାନୀପାଟଣା,୧୫ ।୩(ନିପ୍ର): କଳାହାଣ୍ଡି ଜିଲ୍ଲାରେ ୨୦୧୧ ମସିହାରୁ ନକ୍ସଲଙ୍କ ଚଳପ୍ରଚଳ ରହିଥିବା ବେଳେ ଜିଲ୍ଲାର ୧୩ ଗୋଟି ବ୍ଲକରୁ ୧୧ ଗୋଟି ବ୍ଲକ ନକ୍ସଲ ଅଧ୍ୟୁଷିତ ଅଞ୍ଚଳ। ଜିଲ୍ଲାରେ କେକେବିଏନ (କଳାହାଣ୍ଡି, କନ୍ଧମାଳ ବୌଦ୍ଧ ନୟାଗଡ଼ ଡିଭିଜନ ଓ ବାଗୁନା) ବଂଶଧାରା, ଘୁମୁସର ନାଗାବଳୀ ଡିଭିଜନ ରହିଛି। ଏହି ଦୁଇଟି ନକ୍ସଲ ସଂଗଠନ ଚାଲି ଆସୁଥିବା ବେଳେ ବିଭିନ୍ନ ସମୟରେ ପୋଲିସ ନକ୍ସଲଙ୍କ ଗୁଳିବିନିମୟ ହୋଇ ଆସୁଥିବା ବେଳେ ବିଭିନ୍ନ ସମୟରେ ନକ୍ସଲ ସମାଜର ମୁଖ ସ୍ରୋତରେ ସାମିଲ ପାଇଁ ଆତ୍ମ ସମର୍ପଣ କରିଛନ୍ତି। କଳାହାଣ୍ଡି ଜିଲ୍ଲାରେ ନକ୍ସଲଙ୍କ ବିରୋଧରେ ପୋଲିସର ବଡ଼ ସଫଳତା ମିଳିଛି । କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ରିଜର୍ଭ ପୋଲିସ ପଡିଆରେ ଓଡ଼ିଶା ପୋଲିସ ଡିଜି ୱାଇ ବି ଖୁରାନିଆ ଙ୍କ ଉପସ୍ଥିତିରେ ୧୧ ଜଣ ନକ୍ସଲ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସମସ୍ତ ନକ୍ସଲ ବଂଶଧାରା ଘୁମୁସର ନାଗାବଳୀ ଡିଭିଜନର ହେଇଥିବା ସୂଚନା । ପୋଲିସର ଲଗାତାର କମ୍ବିଂ ଅପରେସନ୍ ଓ ସରକାରଙ୍କ ସରେଣ୍ଡର ପଲିସି ଫଳରେ ସେମାନେ ଆତ୍ମସମର୍ପଣ କରିଥିବା କୁହାଯାଇଛି । ଏହା ସହ ସମାପ୍ତ ହୋଇଛି ବଂଶଧାରା ଘୁମୁସର ନାଗାବଳୀ ଡିଭିଜନ । ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ସରକାରଙ୍କ ପୁନର୍ବାସ ନୀତି ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି କୁହାଯାଇଛି।

# ଆଜି ରାଜ୍ୟସଭା ନିର୍ବାଚନ

- ★ ସକାଳ ୯ଟାରୁ ଅପରାହ୍ଣ ୪ଟା ଯାଏଁ ମତଦାନ
- ★ ବିରୋଧୀଙ୍କୁ ଘାରିଛି କ୍ରସ ଭୋଟିଂର ଭୟ !



ଭୁବନେଶ୍ୱର,୧୫ ।୩: ସୋମବାର ବହୁ ପ୍ରତୀକ୍ଷିତ ରାଜ୍ୟସଭା ନିର୍ବାଚନ । ଏନେଇ ଢ଼େର୍ ଦିନ ହେବ ଓଡିଶା ରାଜନୀତି ସରଗରମ ଥିବା ବେଳେ ଆଜି ଏହାର ଅନ୍ତ ଘଟିବ। ନିର୍ବାଚନକୁ ଆଉ ମାତ୍ର କେଇ ଘଣ୍ଟାର ଅପେକ୍ଷା । ଭୋଟିଂ ସମୟ ଯେମିତି ପାଖେଇ ଆସୁଛି ଶାସକଠୁ ନେଇ ବିରୋଧୀ ଦଳ ନିଜ ନିଜର ବିଧାୟକମାନଙ୍କୁ ଏକାଠି ରଖିବାକୁ ସମସ୍ତ ଉଦ୍ୟମ କରୁଛନ୍ତି । କାରଣ ଘୋଡା ବେପାରର ଭୟ ସଭିଙ୍କୁ ଘାରିଛି । ଚତୁର୍ଥ ଆସନ ପାଇଁ ଲଢେଇର ପ୍ରଭାବ ଏମିତି ରହିଛି ଯେ, ବିରୋଧୀଙ୍କୁ ଅଧିକ କ୍ରସ ଭୋଟିଂର ଭୟ ଘାରିଛି । ଏସବୁ ମଧ୍ୟରେ ଶାସକ ବିଜେପି ନିଜର ବିଧାୟକଙ୍କୁ ଏକାଠି ରଖିବା ଉଦ୍ଦେଶ୍ୟରେ ଗତକାଲିଠାରୁ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ପାରାଦ୍ୱୀପ ଯାଇଥିଲା । ଦଳୀୟ ନବାଗତ ବିଧାୟକମାନଙ୍କୁ ରାଜ୍ୟସଭାରେ ଭୋଟ୍ କେମିତି ଦିଆଯାଏ ତାର ଟ୍ରେନିଂ ଦିଆଯାଇଛି । ରାଜ୍ୟସଭା ନିର୍ବାଚନ ପାଇଁ ପାରାଦ୍ୱୀପରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ବାୱାନକୁଲେ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଦୁଇ ଉପ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପ୍ରଭାରୀ ବିଧାୟକଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଆସନ୍ତାକାଲି ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏଁ ଭୋଟ୍ ଦେବେ ବିଧାୟକ । ଓଡିଶାରୁ ଚାରୋଟି ଆସନ ମଧ୍ୟରୁ ତିନୋଟି ଆସନର ଫଳାଫଳ ସ୍ପଷ୍ଟ ହୋଇ ସାରିଥିବା ବେଳେ ଚତୁର୍ଥ ଆସନ ପାଇଁ ଲଢେଇ ରୋଚକ ହେଉଛି । ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲୀପ ରାୟଙ୍କୁ ବିଜେପି ମୈଦାନରେ ଛାଡିଥିବା ବେଳେ ବିଜେଡି ଓ କଂଗ୍ରେସ ମିଳିତ ସମର୍ଥନରେ ଦତ୍ତେଶ୍ୱର ହୋତାଙ୍କୁ ପ୍ରାର୍ଥୀ କରିଛନ୍ତି । ସଂଖ୍ୟା ବଳରେ ବିରୋଧୀ ଆଗୁଆ ଥିଲେ ହେଁ କ୍ରସ ଭୋଟିଂର ଭୟ ଘାରିଛି ।

# ଘୋଡା ବେପାର: ୪ ଗିରଫ

## କଂଗ୍ରେସ ବିଧାୟକଙ୍କୁ ୫ କୋଟି ଦେବାକୁ ଉଦ୍ୟମ !

ଜୟପୁର/ଭୁବନେଶ୍ୱର,୧୫ ।୩: ଓଡ଼ିଶାରେ ରାଜ୍ୟସଭା ନିର୍ବାଚନ ପୂର୍ବରୁ, ୮ ଜଣ କଂଗ୍ରେସ ବିଧାୟକଙ୍କୁ କ୍ରସଭୋଟ୍ ଦେବା ପାଇଁ ୫ କୋଟି ଟଙ୍କା ପ୍ରଦାନ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ପରେ କର୍ଣ୍ଣାଟକ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ମାମଲାରେ ୪ ଜଣଙ୍କୁ ଗିରଫ କରିଛି ।ବରିଷ୍ଠ କଂଗ୍ରେସ ନେତା ଏବଂ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା କହିଛନ୍ତି ଯେ ବେଙ୍ଗାଲୁରୁର ଏକ ହୋଟେଲରେ ରହୁଥିବା ୮ କଂଗ୍ରେସ ବିଧାୟକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଦଳ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। 'ଆସନ୍ତାକାଲି ରାଜ୍ୟସଭା ନିର୍ବାଚନ ଅଛି, ଏବଂ କଂଗ୍ରେସ, ସିପିଆଇ(ଏମ୍) ଏବଂ ବିଜେଡି ମିଳିତ ଭାବରେ ୟୁରୋଲୋଜିଷ୍ଟ ଦତ୍ତେଶ୍ୱର ହୋତାଙ୍କୁ ସାଧାରଣ ପ୍ରାର୍ଥୀ ଭାବରେ ସମର୍ଥନ କରିଛନ୍ତି। ବିଧାୟକମାନଙ୍କୁ ସୁରକ୍ଷା ଦେବା ପାଇଁ, ବେଙ୍ଗାଲୁରୁରେ ବ୍ୟବସ୍ଥା କରାଯାଇଛି। କିନ୍ତୁ ଗତକାଲି ସନ୍ଧ୍ୟାରେ, ଚାରି ଜଣ ବ୍ୟକ୍ତି ଉକ୍ତ ହୋଟେଲରେ ପ୍ରବେଶ କରିଥିଲେ। ଆଜି ସକାଳେ, ଜଳଖିଆ ଖାଉଥିବା ସମୟରେ, ସେମାନେ କଂଗ୍ରେସ ବିଧାୟକଙ୍କ ପାଖରେ ଘୂରି ବୁଲି ସେମାନଙ୍କ ପାଖକୁ ଯିବାକୁ ଚେଷ୍ଟା କରୁଥିଲେ ବୋଲି କୋରାପୁଟ ସାଂସଦ ଉଲାକା କହିଛନ୍ତି। ସେମାନେ ପ୍ରତ୍ୟେକ ବିଧାୟକଙ୍କୁ ବ୍ଲାଙ୍କ ଚେକ୍ ମାଧ୍ୟମରେ ୫ କୋଟି ଟଙ୍କା ପ୍ରଦାନ ଉଦ୍ୟମ କରୁଥିଲେ। ପଚରାଉଚରା ସମୟରେ, ଅଭିଯୁକ୍ତମାନେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ନାମ ନେଇଥିଲେ ଏବଂ ହୋଟେଲ ପରିଚାଳକଙ୍କୁ ମଧ୍ୟ ଅନେକ ଥର ଯୋଗାଯୋଗ କରିଥିଲେ ବୋଲି କୁହାଯାଇଛି ।ଏପର୍ଯ୍ୟନ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୀରେନ୍ଦ୍ର ପ୍ରସାଦ,ସୁରେଶ,ଅଜିତ ସାହୁ ଓ ସୀମାଂଚଳ ମହାକୁଡ଼ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।


CMYK

ତିଥି : (ଦ୍ୱାଦଶୀ) : (ଶ୍ରବଣା ମକର)
ଅମୃତବେଳା: ଦିବା ଘ.୭ ।୩୪ ମଧ୍ୟେ ଘ୧୦ ।୪୬ ଗତେ

## ଆଜିର ଅନୁଚିନ୍ତନ

ଏହି ଶରୀରକୁ ଛେଦନ କରାଯାଇପାରେ ନାହିଁ, ଜଳାଯାଇ ପାରେନାହିଁ, ଆର୍ଦ୍ର କରାଯାଇ ପାରେନାହିଁ ଓ ଶୁଷ୍କ କରାଯାଇପାରେ ନାହିଁ। କାରଣ ଏହା ନିତ୍ୟ, ସର୍ବବ୍ୟାପୀ ଅଚଳ ଓ ସ୍ଥାଣୁ ଓ ଅନାଦି।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଟ୍ରମ୍ପ ଯାହା ଚାହାନ୍ତି !

ମଧ୍ୟପ୍ରାଚ୍ୟ ଯୁଦ୍ଧ ଜାରି ରହିବା କାରଣରୁ ଭାରତ ସମେତ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଜୀବନଯାତ୍ରା ପାଇଁ ଆବଶ୍ୟକ କରୁଥିବା ତୈଳ ଓ ଇନ୍ଧନ ଗ୍ୟାସ ସଂକଟର ସମ୍ମୁଖୀନ ହୋଇଛନ୍ତି ଏବଂ ଏହି ସଂକଟ ବେଳକୁ ବେଳ ବଢ଼ୁଥିବା କାରଣରୁ ସମସ୍ୟା ଘନୀଭୂତ ହେବାରେ ଲାଗିଛି। ଯାହା ମନେ ହୁଏ, ଏହି ସଂକଟ ହେତୁ ବିଶ୍ୱରେ ଯୁଦ୍ଧ ପରିସ୍ଥିତି ଭୟାନକ ହୋଇପାରେ,ସ୍ଥିତି ବି ଆଗକୁ ଅସମ୍ଭାଳ ହୋଇପାରେ। ବିଶ୍ୱ ସୁସ୍ଥ ମାନସିକତାର ବ୍ୟକ୍ତି ଲୋଡ଼େ, ଯେଉଁମାନେ ପୃଥିବୀକୁ ବଂଚିବାଯୋଗ୍ୟ କରିପାରନ୍ତି ସେମାନେ ସଦା ହିତ ମାନସିକତାରେ ମନୋନିବେଶ କରିଥାନ୍ତି। ଏପରି ଉଲ୍ଲେଖ ପଛରେ ଏକ ଉଦ୍ଦେଶ୍ୟକୁ ବିଶ୍ଳେଷଣ କରାଯାଇପାରେ। ଇରାନକୁ ନିଶାଣ କରିବା ଭଳି ଆଉ କିଛି ସ୍ଥାନ ନାହିଁ ବୋଲି ଯୁଦ୍ଧଖୋର ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦୃଢ଼ୋକ୍ତି ପ୍ରକାଶ କରିଥିଲେ,ତାହା ତାଙ୍କର ମାନସିକତା। କେବଳ ସେତିକି ନୁହେଁ ଯୁଦ୍ଧ ଖୁବ୍‌ଶୀଘ୍ର ଶେଷ ହେବ ବୋଲି ଆଶା ପ୍ରକଟ କରିଥିଲେ। ମାତ୍ର ବାସ୍ତବତା କିଛି ଭିନ୍ନ। ଭିନ୍ନ ବୋଲି କହିବା କାରଣ ଯେ ଇରାନର ତୈଳଦ୍ୱୀପ ଖାର୍ଗର ତୈଳ ଷ୍ଟୋରେଜ ଟାଙ୍କି,ଟର୍ମିନାଲ,ଯୋଗାଣ ପାଇଁ ଲାଇନ ବ୍ୟବସ୍ଥା ଥିବା ଓ ବାର୍ଷିକ ୯୫ କୋଟି ବ୍ୟାରେଲ ଅଣବିଶୋଧିତ ତୈଳ କାରବାର ହେଉଥିବା କାରଣରୁ ଆମେରିକା ଏହା ଉପରେ ଲୋଲୁପ ଦୃଷ୍ଟି ପକାଇଛି। ତେଣୁ ସାମରିକ କାର୍ଯ୍ୟାନୁଷ୍ଠାନ ଏହା ଉପରେ ଆରମ୍ଭ କରିଛି।

ସ୍ମରଣ କରାଯାଇପାରେ ଯେ ଇସ୍ରାଏଲ ନିକଟ ଅତୀତରେ ଇରାନର କିଛି ତୈଳ ଡିପୋ ଧ୍ୱଂସ କରିବା ପରେ ନେତାନ୍ୟାହୁଙ୍କ ଉପରେ ଟ୍ରମ୍ପ ବିରକ୍ତି ପ୍ରକାଶ କରିଥିଲେ। କାରଣ ଟ୍ରମ୍ପ ଚାହାନ୍ତି ନାହିଁ, ତୈଳ ଡିପୋ ଅବା ତୈଳ ଉତ୍ସ ନଷ୍ଟ ହେଉ,କିନ୍ତୁ ଧମକାଣ ଦେଖାଇବାକୁ ପଛାଇବେ ନାହିଁ। ସେ ଚାହୁଁଥିଲେ ଯେ ରାଷ୍ଟ୍ର ମୁଖ୍ୟ ଖାମେନେଇ ନିହତ ହୋଇଥିବା ଦୃଷ୍ଟିରୁ ଆଣ୍ଠୁ ଭାଙ୍ଗିଯିବ ଇରାନର। ସେଥିଲାଗି ନିଃସର୍ତ୍ତ ଆତ୍ମ ସମର୍ପଣ କରିବାକୁ ମୃତକଙ୍କ ପୁଅ ସୁପ୍ରିମ ଲିଡର ମୋଜତୋବାଙ୍କୁ ଆହ୍ୱାନ ଜଣାଇଥିଲେ। କିନ୍ତୁ ଆମେରିକାକୁ ସେ ପ୍ରତିଜବାବ ଦେବାକୁ ଯାଇ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଥିବା ଆମେରିକୀୟ ସ୍ଥଳୀଗୁଡ଼ିକ ଉପରେ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ସୁତରାଂ ସମଗ୍ର ପ୍ରକରଣରେ ଟ୍ରମ୍ପଙ୍କ ଭିତରେ ତୈଳ 'ବିଲ୍ୱଫଳ'ର ଆକର୍ଷଣ ଦୁର୍ନିବାର। କେବଳ ସେତିକି ନୁହେଁ ଇରାନରେ ଥିବା ୟୁରାନିୟମ ହାତେଇବାକୁ ଲକ୍ଷ୍ୟ ମଧ୍ୟ ରଖିଛନ୍ତି। କାରଣ ଇରାନ ରଖିଥିବା ୟୁରାନିୟମର ଷାଠିଏ ପ୍ରତିଶତ ବିକଶିତ କରିସାରିଛି,ଯାହା ଅଣୁ ଅସ୍ତ୍ର ଲାଗି ନିର୍ମାଣରେ ଅଗ୍ରଗତି ବୋଲି କୁହାଯାଉଛି। ରୁଷ ଯୁଦ୍ଧକୁ ସମ୍ଭାବ୍ୟ ଲମ୍ଫ ଦେବା ଖବର ଆସିବା ପରେ ଟ୍ରମ୍ପ ପୁଟିନଙ୍କ ସହ କଥା ହେବା ବେଳେ ପୁଟିନ ଚାହିଁଥିଲେ ଯେ ବିକଶିତ କରାଯାଇଥିବା ୟୁରାନିୟମ ରୁଷକୁ ହସ୍ତାନ୍ତର ହେଉ, ମାତ୍ର ଟ୍ରମ୍ପ ତାହା ଚାହାନ୍ତି ନାହିଁ। ସୁତରାଂ ଟ୍ରମ୍ପଙ୍କ ମତିଗତିର ଭିତିରି ରହସ୍ୟକୁ ଏଥିରୁ ଲକ୍ଷ୍ୟ କରାଯାଇପାରେ। ଏପରି ଅହେତୁକ ଲକ୍ଷ୍ୟ ଆମେରିକା ପକ୍ଷେ କେତେ ସମ୍ଭବ ହେବ ତାହା ସମୟ କହିବ।

# ରାଜ୍ୟପାଳଙ୍କ ବଦଳି

ସୌଭାଗ୍ୟ ରଂଜନ ମହାନ୍ତି

ନିକଟରେ କେନ୍ଦ୍ର ସରକାର କେତେକ ନୂତନ ରାଜ୍ୟପାଳଙ୍କୁ ନିଯୁକ୍ତି ଦେବା ସହ ତାମିଲନାଡୁର ରାଜ୍ୟପାଳ ଆର.ଏନ.ରବି, ଯେ କି ଅତ୍ୟନ୍ତ ବିବାଦୀୟ ହୋଇପଡିଥିଲେ, ତାଙ୍କୁ ପଶ୍ଚିମବଙ୍ଗକୁ ବଦଳି କରିଥିବା ବେଳେ ପଶ୍ଚିମବଙ୍ଗର ରାଜ୍ୟପାଳ ସି.ଭି.ଆନନ୍ଦ ବୋଷ ଇସ୍ତଫା ଦେଇଛନ୍ତି। ପଶ୍ଚିମବଙ୍ଗର ରାଜ୍ୟପାଳ ଆନନ୍ଦ ବୋଷ ନିଜର ଆକସ୍ମିକ ଇସ୍ତଫା ନେଇ ମୁହଁ ଖୋଲି ନ ଥିବା ବେଳେ କେନ୍ଦ୍ର ସରକାରଙ୍କ ନୀରବତା ପରିସ୍ଥିତିକୁ ଅଧିକ ରହସ୍ୟାବୃତ୍ତ କରିଦେଇଥିବା ମନେହୁଏ। କହିବା ବାହୁଲ୍ୟ ଯେ, ରାଜ୍ୟପାଳ ରବି ଓ ରାଜ୍ୟପାଳ ବୋଷ ଉଭୟ ବିବାଦୀୟ ହୋଇ ପଡିଥିଲେ। ସେମାନଙ୍କର ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କ ଆଦୌ ଭଲ ନ ଥିଲା।

ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ପଶ୍ଚିମବଙ୍ଗ ଓ ତାମିଲନାଡୁ ସହ ୫ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ରାଜ୍ୟପାଳଙ୍କୁ ପରିବର୍ତ୍ତନ କରାଯାଇଛି। ସେହିପରି ଚଳିତ ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା



ଅନ୍ୟତମ ରାଜ୍ୟ କେରଳର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆରଲେକରଙ୍କୁ କେରଳ ସହ ତାମିଲନାଡୁର ରାଜ୍ୟପାଳ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ଉଭୟ ତାମିଲନାଡୁ, ପଶ୍ଚିମବଙ୍ଗ ଓ କେରଳ ରାଜ୍ୟପାଳଙ୍କର ସେମାନଙ୍କର ରାଜ୍ୟ ସରକାରଙ୍କ ସହ ଉତ୍ତମ ସମ୍ପର୍କ ନାହିଁ। ଯାହାର ପରିଣତି ସ୍ୱରୁପ ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ତେବେ ବିଦାୟୀ ରାଜ୍ୟପାଳ ବୋଷଙ୍କର ରାଜ୍ୟ ସରକାର ସହ ସମ୍ପର୍କରେ ଉନ୍ନତି ଆସିଥିବାବେଳେ ରବିଙ୍କର ସମ୍ପର୍କ ଆହୁରି ବିଗିଡି ଥିବା କୁହାଯାଇପାରେ। ଗତ ଜାନୁୟାରୀ ବିଧାନସଭାର ବଜେଟ ଅଧିବେଶନରେ ଅଭିଭାଷଣ ନ ଦେଇ ରାଜ୍ୟପାଳ ରବି କକ୍ଷ ତ୍ୟାଗ କରି ଚାଲିଯାଇଥିଲେ। କ୍ରମାଗତ ଚତୁର୍ଥ ଥର ତଥା ୨୦୨୨ରୁ ସେ ବିଧାନସଭାରୁ କକ୍ଷତ୍ୟାଗ କରି ପଳାୟନ କରୁଥିବା ନଜିର ରହିଛି। କେବଳ ଏତିକି ନୁହେଁ, କେତେକ ବିଲ୍‌କୁ ପୁନର୍ବିଚାର ପାଇଁ ଫେରସ୍ତ ନ କରିବା କିମ୍ବା ରାଷ୍ଟ୍ରପତିଙ୍କ ନିକଟକୁ ନ ପଠାଇ ନିଜେ ଦୀର୍ଘ ବର୍ଷ ବର୍ଷ ଧରି ଅଟକାଇ ରଖିବା ଯୋଗୁଁ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ସମ୍ବିଧାନର ଧାରା ୨୦୦ ଅନୁସାରେ ସେ ନିଜର ସାମ୍ବିଧାନିକ ଦାୟିତ୍ୱ ସମ୍ପନ୍ନ ନ କରିବା ଯୋଗୁଁ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟପାଳ ବିଲ୍‌କୁ ପକାଇ ରଖିଲେ, ତାହା ଆପେ ଆପେ ଅଚଳ ବା ଅକାମୀ ହୋଇଯାଇଥାଏ ବୋଲି ରବି ଯୁକ୍ତି ଦର୍ଶାଇଥିଲେ। ଏଭଳି ଯୁକ୍ତିକୁ ୨୦୨୩ରେ ପଂଜାବ ସରକାର ବନାମ ରାଜ୍ୟପାଳ ମାମଲାରେ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେଇଥିଲେ। ସୁପ୍ରିମକୋର୍ଟଙ୍କ ତାଗିଦ୍ ସତ୍ତ୍ୱେ ୧୦ଟି ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ଅଟକାଇ ରଖିଥିଲେ। ଗତ ୨୦୨୫ରେ ସର୍ବୋଚ୍ଚ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ୧୦ଟି ବିଲ୍‌କୁ ମଂଜୁରି ପ୍ରଦାନ କରିଥିଲେ। ଯାହାକି ଭାରତୀୟ ସଂସଦୀୟ ଇତିହାସରେ ଏହା ପ୍ରଥମ ଘଟଣା ଥିଲା।

ଆହୁରି ଗିରଫ ହୋଇଥିବା ଜଣେ ମନ୍ତ୍ରୀଙ୍କୁ ରାଜ୍ୟପାଳ ନିଜେ ବରଖାସ୍ତ କରିବା ଯୋଗୁଁ ଏଭଳି ଆଦେଶ ପ୍ରତ୍ୟାହାର କରିନେବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବାଧ କରିଥିଲା। ସେହିପରି ଅଦାଲତ ଦ୍ୱାରା ନିର୍ଦ୍ଦୋଷ ପ୍ରମାଣିତ ଜଣେ ନେତାଙ୍କୁ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରାଇବା ପାଇଁ ମନା କରିଦେବା ଯୋଗୁଁ ସୁପ୍ରିମକୋର୍ଟ ତାଙ୍କୁ କଟୁ ଭର୍ତ୍ସନା କରିଥିଲେ। ଏହା ନିଃସନ୍ଦେହ ଯେ, ରାଜ୍ୟପାଳ ରବି ନିଜର ସାମ୍ବିଧାନିକ ଦାୟିତ୍ୱ ନିର୍ବାହ ନ କରି ଅଣବିଜେପି ଶାସିତ ରାଜ୍ୟସରକାରଙ୍କ ସହ ବିଭିନ୍ନ କ୍ଷେତ୍ରରେ ବିରୋଧୀ ଦଳ ଭୂମିକା ନେଇଥିବା ବହୁ ନଜିର ରହିଛି। ଏଭଳି ଜଣେ ବିବାଦୀୟ ବ୍ୟକ୍ତିତ୍ୱ ରାଜ୍ୟପାଳଙ୍କୁ ନିର୍ବାଚନ ବର୍ଷରେ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ନିଯୁକ୍ତି ଦେବା ଭିନ୍ନ ମତ ପ୍ରକାଶକୁ ଆମନ୍ତ୍ରଣ କରେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ତାଙ୍କୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରିବାକୁ କେନ୍ଦ୍ର ବିଜେପି ସରକାର ମସୁଧା କରିଥିବା ମନେ କରାଯାଏ। ରାଜ୍ୟପାଳଙ୍କୁ ବଦଳି କେନ୍ଦ୍ରର ହସ୍ତକ୍ଷେପକୁ ଆମନ୍ତ୍ରଣ କରିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ।

ମୋ-୯୪୩୭୯୯୪୩୭୯

# ମୁଁ ଦେଖିଥିବା 'ଭୁବନେଶ୍ୱର' (୨)

ବଟକୃଷ୍ଣ ତ୍ରିପାଠୀ

**ଆଜି ପର୍ଯ୍ୟନ୍ତ ଏ ରାଜ୍ୟକୁ କେତେ ରାଜା, ସମ୍ରାଟ ରାଜୁତି କରିଯିବା ପରେ ବ୍ରିଟିଶ୍ ଶାସକମାନେ ରାଜତ୍ୱ କରିଛନ୍ତି। ଲିଙ୍ଗରାଜ ସେମିତି ଅଛନ୍ତି, ସବୁ ଦେଖୁଛନ୍ତି। ଆମେ ଭଲ କରି ମନ୍ଦିର ଏବଂ ଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ମନ୍ଦିର ଭିତରକୁ ଗଲୁ। ମନ୍ଦିର ଭିତରେ ସେବାୟତମାନଙ୍କୁ ଛାଡ଼ି ଦେଲେ, କାଁ ଭାଁ ଦି, ଚାରିଜଣ ବାହାର ଲୋକ (ଟୁରିଷ୍ଟ) ମନ୍ଦିର ଭିତରେ ବୁଲୁ ଥିବାର ଦେଖିଲୁ। ସେମାନେ ଥିଲେ ବାହାର ଦେଶର ଲୋକ। ସମ୍ଭବତଃ ହିନ୍ଦୁ ଥିଲେ।**



ପରଦିନ ସକାଳୁ, ଆମେ ଦୁହେଁ ଉଠି, ଘର ବାହାରେ (ବଗିଚା ଭିତରେ) ଥିବା ପାଣି ଟ୍ୟାପ୍ ନିକଟରେ ମୁହଁ ଧୋଇଲୁ। ସେତେବେଳକୁ ବିନୋଦ ବାପା ଉଠି ସାରିଥିଲେ। ସେ ଆମକୁ ଦେଖି କହିଲେ, ସଅଳ ସଅଳ ନିତ୍ୟକର୍ମ ସାରିଦିଅ। ଆଜି ଆମେ ପୁରୁଣା ଭୁବନେଶ୍ୱର ଆଡ଼େ ବୁଲିଯିବା।

ଦୁଇ ନମ୍ବରରେ ଥିବା ବନବିହାରୀଙ୍କ ସରକାରୀ କ୍ୱାର୍ଟର ନିକଟକୁ ଲାଗି ଏବଂ ସଚିବାଳୟ, ଏଜି ଅଫିସର ସାମ୍ନାରେ ଥିଲା ଦୁଇଟି ବଡ଼ ପଡ଼ିଆ। ଭୁବନେଶ୍ୱରରେ ସେତେବେଳେ ସଚିବାଳୟର କର୍ମଚାରୀମାନେ ମିଟିଂ କଲେ, ଏହି ପଡ଼ିଆରେ କରୁଥିଲେ। ପ୍ରାୟ ପ୍ରତ୍ୟେକ ଦିନ ଉପର ବେଳା ୟୁନିଟ ଏକ ଓ ଦୁଇର ପିଲାମାନେ ଏକାଠି ହୋଇ ଏହି ଦୁଇ ବଡ଼ ପଡ଼ିଆରେ ଫୁଟବଲ, ଭଲିବଲ ଇତ୍ୟାଦି ଖେଳୁଥିଲେ। ଏ.ଜି. ସାମ୍ନା ପଡ଼ିଆରେ ସେତେବେଳକୁ ବସ୍‌ଷ୍ଟାଣ୍ଡ କିଛି ନିର୍ମାଣ ହୋଇନଥାଏ। ଲାଇନ୍ ବସ୍, ସକାଳେ ଏବଂ ସନ୍ଧ୍ୟାବେଳେ ସଚିବାଳୟ ଏବଂ ଏ.ଜି ଅଫିସ ସାମ୍ନା ରାସ୍ତା ଉପରେ ରହି ଅଫିସ୍‌ର ଲୋକମାନଙ୍କୁ ଉଠାନ୍ତି ଏବଂ ଛାଡ଼ନ୍ତି। ମୁଖ୍ୟତଃ ଯେଉଁମାନେ କଟକ କିମ୍ବା ଭୁବନେଶ୍ୱର ବାହାରୁ ଆସିଥାନ୍ତି, ସେହିମାନେ ଏଇଠୁ ବସ୍ ଧରନ୍ତି। ଭୁବନେଶ୍ୱରକୁ ଆସୁଥିବା ବାହାର ଲୋକମାନେ ମଧ୍ୟ ସଚିବାଳୟ, ଏ.ଜି ଅଫିସ ଦେଖିବା ପାଇଁ ଏହି ରାସ୍ତା ଉପରେ ଓହ୍ଲାଇଥାନ୍ତି। ବେଳେ ବେଳେ ଟାଉନ ବସ୍ ଏବଂ କଟକ ପୁରୀ ଯାଉଥିବା ବସ୍‌ମାନେ ମଧ୍ୟ ଅଫିସ କର୍ମଚାରୀମାନଙ୍କ ପାଇଁ ଏହି ଖୋଲା ପଡ଼ିଆରେ ବସ୍ ରଖୁଥିଲେ। ପରବର୍ତ୍ତୀ କାଳରେ ଏହି ଖୋଲା ଜାଗା(ଏଜି ଅଫିସ ସାମ୍ନା ରାସ୍ତା ଆରପଟ ଖୋଲା ପଡ଼ିଆରେ) ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲା।

ହିଁ, ବିନୋଦ, ମୁଁ ଦୁଇଜଣ ହ୍ୟାପ୍ ପ୍ୟାଣ୍ଟ, ସାର୍ଟ ପିନ୍ଧି ବୁଲିଯିବା ପାଇଁ ପ୍ରସ୍ତୁତ ହୋଇ ବାହାରୁ ପିଣ୍ଡା ଉପରେ ଠିଆ ହୋଇଥାଉ। ମଝିରେ ମଝିରେ ଗୋଟେ ଦୁଇଟା କାର୍ କିମ୍ବା ଜିପ୍ ପାଖ ରାସ୍ତାରେ ଯାଉଥାଏ।

ବିନୋଦ ବାପା(ନନା) ଆସିବା ପରେ ଆମେ ଚାଲି ଚାଲି ଯାଇ ପୁରୁଣା ଭୁବନେଶ୍ୱରରୁ ଆସୁଥିବା ଟାଉନ ବସ୍‌ରେ ବସି ପୁରୁଣା ଭୁବନେଶ୍ୱର ଗଲୁ ଏବଂ ଲିଙ୍ଗରାଜ ମନ୍ଦିର ପାଖେ ଓହ୍ଲାଇଲୁ।

ବିନୋଦ ନନା କହିଲେ- ଦେଖ, ପ୍ରାୟ ଏକ ହଜାର ବର୍ଷ ତଳେ ରାଜା ଯଯାତି କେଶରୀ(ଯଯାତି ପ୍ରଥମ), ଏହି ମନ୍ଦିର ତୋଳାଇଥିଲେ। ଆଜି ପର୍ଯ୍ୟନ୍ତ ଏ ରାଜ୍ୟକୁ କେତେ ରାଜା, ସମ୍ରାଟ ରାଜୁତି କରିଯିବା ପରେ ବ୍ରିଟିଶ୍ ଶାସକମାନେ ରାଜତ୍ୱ କରିଛନ୍ତି। ଲିଙ୍ଗରାଜ ସେମିତି ଅଛନ୍ତି, ସବୁ ଦେଖୁଛନ୍ତି। ଆମେ ଭଲ କରି ମନ୍ଦିର ଏବଂ ଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ମନ୍ଦିର ଭିତରକୁ ଗଲୁ।

ମନ୍ଦିର ଭିତରେ ସେବାୟତମାନଙ୍କୁ ଛାଡ଼ି ଦେଲେ, କାଁ ଭାଁ ଦି, ଚାରିଜଣ ବାହାର ଲୋକ (ଟୁରିଷ୍ଟ) ମନ୍ଦିର ଭିତରେ ବୁଲୁ ଥିବାର ଦେଖିଲୁ। ସେମାନେ ଥିଲେ ବାହାର ଦେଶର ଲୋକ। ସେମାନେ ସମ୍ଭବତଃ ହିନ୍ଦୁ ଥିଲେ। ହାତରେ କ୍ୟାମେରା। ମହିଳାମାନଙ୍କ ହ୍ୟାପ୍ ପ୍ୟାଣ୍ଟ ଏବଂ ରଙ୍ଗିନ ସାର୍ଟ ପିନ୍ଧା ଦେଖି ଆମେ ଆଶ୍ଚର୍ଯ୍ୟ ହେଲୁ।

ବିନୋଦ ବାପା କହିଲେ, ସେମାନଙ୍କ ପିନ୍ଧା ପୋଷାକ ସେହିପରି। ଆମେ ଯେପରି ଗାଁ ଗଣ୍ଡାରେ ଗାମୁଛା, ଲୁଗା ପିନ୍ଧି ବୁଲୁ। ଦରକାର ବେଳେ ଦେହରେ ଗାମୁଛା ଖଣ୍ଡେ କି ଚଦର ଖଣ୍ଡେ ପକାଇ



ବାହାରକୁ ଯାଉ, ଏମାନେ ସେହିପରି ପ୍ୟାଣ୍ଟ, ସାର୍ଟ ପିନ୍ଧି ବାହାରକୁ ଯାଆନ୍ତି ଏବଂ ସେମାନଙ୍କ ଘରେ ରୁହନ୍ତି।

ବିଦେଶର କିଛି ଦେଶରେ ବହୁଳ ଶୀତ। ବର୍ଷକ, ବାରମାସ ଯାକ ଶୀତ। ସେମାନେ ତାଙ୍କ ଦେହକୁ ଶୀତଦାଉରୁ ରକ୍ଷା କରିବାକୁ ଯାଇ ସବୁବେଳେ ପ୍ୟାଣ୍ଟସାର୍ଟ ଇତ୍ୟାଦି ପିନ୍ଧି ଦେହକୁ ଘୋଡ଼ାଇ ରଖିଥାନ୍ତି। ପାଠପଢି ବଡ଼ହେଲେ ତୁମେ ଯଦି ତାଙ୍କ ଦେଶକୁ ବୁଲିବାକୁ କି ପଢିବାକୁ ଯିବ ସେତେବେଳେ ଜାଣିବ ସେ ଦେଶ ପିଲାମାନଙ୍କ ଆଚାରବିଚାର, ବେଶ, ପୋଷାକ ଇତ୍ୟାଦି।

କଥାବାର୍ତ୍ତା ଭିତରେ ଆମେ ଯାଇ ମନ୍ଦିର ସାମ୍ନାରେ ଠିଆହେଲୁ। ଲୋକନଥାନ୍ତି। କିଛି ସମୟ ପରେ ଆମେ ମନ୍ଦିରରୁ ବାହାରକୁ ଆସିବା ବେଳକୁ ଦେଖିଲୁ, କିଛି ବିଦେଶୀ ଲୋକ ଚାରି ପାଞ୍ଚଟା ରିକ୍ସାରୁ ଓହ୍ଲାଇ ମନ୍ଦିର ସାମ୍ନାକୁ ଆସିଲେ। ସେମାନେ ନିଶ୍ଚୟ ଅନ୍ୟ ଧର୍ମର ଥିଲେ । ମନ୍ଦିର ସାମ୍ନାରେ ଠିଆ ହୋଇଥିବା ପଣ୍ଡାମାନେ ଠଉରାଇ ସେମାନଙ୍କୁ ମନ୍ଦିର ଭିତରକୁ ଛାଡ଼ିଲେ ନାହିଁ। ବାହାରୁ ବାହାରୁ ମନ୍ଦିର ଦେଖିବାକୁ ପଡ଼ିବ।

ବିଦେଶୀ ଗୋରା ଲୋକଙ୍କୁ ମନ୍ଦିର ମନା। ସେହି ବିଦେଶୀ ଲୋକମାନେ ନିଜ ନିଜର କ୍ୟାମେରା ଧରି ମନ୍ଦିରର ଫଟୋ ଏବଂ ମନ୍ଦିର ବାହାର ଚାରିପଟେ ବୁଲି, ମନ୍ଦିର ଦେହରେ ଥିବା ସୂକ୍ଷ୍ମ କାରୁକାର୍ଯ୍ୟ ଏବଂ ମନ୍ଦିର ଦେହରେ ଥିବା ମୂର୍ତ୍ତିମାନଙ୍କର ଫଟୋ ଉଠାଉଥାନ୍ତି। ବିନୋଦ ମୁଁ ସେମାନଙ୍କ ପଛେ ପଛେ କିଛି ବାଟ ଯାଇ ଫେରିଲୁ।

ସେମାନଙ୍କ ମଧ୍ୟରୁ ଜଣେ ବୁଢା ଆମକୁ କ'ଣ ପଚାରିଲେ, ଆମେ ବୁଝି ନ ପାରି ହସିଲୁ। ସେ ଆମ ଦୁହିଁକୁ ଚକ୍‌ଲେଟ୍ ଦେଲେ। ପ୍ରଥମେ ଆମେ ତାଙ୍କ ପାଖରୁ ଚକୋଲେଟ୍ ଆଣିବାକୁ ଚାହୁଁନଥିଲୁ, ମାତ୍ର ସେ ବୁଢା ବାଧ୍ୟ କରିବାରୁ ବିନୋଦ ନନା କହିଲେ ନିଅ, ସେ ଦେଉଛନ୍ତି ନିଅ।

ସେ ଦିନ ଆମେ ଲିଙ୍ଗରାଜ ମନ୍ଦିର ଏବଂ ମନ୍ଦିର ପାଖରେ ଥିବା ଛୋଟ ଛୋଟ ମନ୍ଦିର ଦେଖି, ଚାଲି ଚାଲି ପାଖରେ ଥିବା ଏକ ମନ୍ଦିରକୁ ଗଲୁ। ସେହି ମନ୍ଦିର ନିକଟରେ ଥିବା ପୁଷ୍କରିଣୀରେ ଲୋକମାନେ ଗାଧୋଉଥାନ୍ତି। ଏହି ପୁଷ୍କରିଣୀର ପାଣି ବହୁତ ପରିଷ୍କାର। ଏପରି ଆଠ, ଦଶଫୁଟ ତଳ ପର୍ଯ୍ୟନ୍ତ ପରିଷ୍କାର ଦିଶୁଥାଏ। କେତେ ଲୋକ ସେ ପାଣି ଭିତରକୁ ଅଣାଏ, ଦି'ଅଣା ଦୋ ପଇସି ଇତ୍ୟାଦି ପକାଉଥାନ୍ତି।

(କ୍ରମଶଃ)

# ହର୍ମୁଜ ପ୍ରଣାଳୀ : ଅର୍ଥନୀତିର ଆଶ୍ରା

କ୍ଷୀରୋଦିନୀ ବେହେରା

'ହୋର୍ମୋଜ୍' ନାମକ ପାର୍ସୀ ଶବ୍ଦରୁ ଆସିଛି,ଯାହାର ଅର୍ଥ ହେଉଛି ପ୍ରାଚୀନ ପାରସ୍ୟବାସୀ ଏହି ସମୁଦ୍ର ପଥକୁ ପବିତ୍ର ମନେ କରୁଥିଲେ। ସେମାନେ ଏହାକୁ ଅହୁରା ମଜଦାଙ୍କ ରାସ୍ତା କହୁଥିଲେ। ପ୍ରାଚୀନ ଜୋରୋଷ୍ଟ୍ରିଆନ୍ ଧର୍ମକୁ ମାନୁଥିବା ପାରସ୍ୟବାସୀ ହେଉଛନ୍ତି ଆଜିର ଆଧୁନିକ ଇରାନର ମୂଳ ବାସିନ୍ଦା। ଅନ୍ୟାନ୍ୟ ଇତିହାସରୁ ଜଣାଯାଏ, ଏକାଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ଏହି ଅଞ୍ଚଳରେ ହର୍ମୁଜ୍ ଦ୍ୱୀପ ରହିଥିଲା। ଏହାସ୍ଥାନୀୟ ଧନୀ ବାଣିଜ୍ୟ ସାମ୍ରାଜ୍ୟ ହୋର୍ମୁଜ୍ ସାମ୍ରାଜ୍ୟ ଦ୍ୱାରା ନିୟନ୍ତ୍ରିତ ହେଉଥିଲା। ଯାହା ପାରସ୍ୟ, ଆରବ, ଭାରତ ଏବଂ ପୂର୍ବ ଆଫ୍ରିକାକୁ ସଂଯୋଗ କରୁଥିବା ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ଭାବେ କାର୍ଯ୍ୟକରୁଥିଲା।

ମଧ୍ୟପ୍ରାଚ୍ୟରେ ଚାଲିଥିବା ଆମେରିକା ସମର୍ଥିତ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଭୟଙ୍କର ମହାଯୁଦ୍ଧ ଚାଲିଛି। ବର୍ତ୍ତମାନ ଏହା ସମଗ୍ର ବିଶ୍ୱରେ ଆତଙ୍କର ବାତାବରଣ ସୃଷ୍ଟି କରିଦେଇଛି। ଫେବୃଆରୀ ୨୮ ତାରିଖରୁ ଏହି ମହାଯୁଦ୍ଧ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ତାହା ବନ୍ଦ ହେବାକୁ ନାଁ ଧରୁନାହିଁ।

ଇତିମଧ୍ୟରେ ଦୁଇ ଦେଶର ବିବାଦ ତୀବ୍ରତର ହେବାରୁ ଅନ୍ୟ ଜାତୀୟ ରାଷ୍ଟ୍ର ଉପରେ ପ୍ରଭାବ ପଡୁଛି। ନିଜ ନିଜ ଦେଶର ଅର୍ଥନୀତି ବ୍ୟବସ୍ଥା ଅଭିବୃଦ୍ଧି ଏବଂ ପ୍ରଗତି ପଥରେ ବାଧାପ୍ରାପ୍ତ ହେବାକୁ ଲାଗିଛି। ହୁଏତ ଏହି ଯୁଦ୍ଧ ନିଆଁରେ ସମଗ୍ର ବିଶ୍ୱ ଜଳିବା ଅସମ୍ଭବ ବି ନୁହଁ, ଯାହା ଜାତୀୟ ଗଣମାଧ୍ୟମରୁ ପ୍ରକାଶିତ ହେଉଛି। ତେବେ ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାଯୁଦ୍ଧ ଯୋଗୁଁ ବିଶ୍ୱ ତୈଳ ଏବଂ ଗ୍ୟାସ ଯୋଗାଣ ନେଇ ଚିନ୍ତାକୁ ଆହୁରି ଘନୀଭୂତ କରିଛି। ଉପସାଗରରୁ ତୈଳ ଏବଂ ଗ୍ୟାସ ପରିବହନ କରୁଥିବା ଟ୍ୟାଙ୍କର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଥ ହେଲା 'ହର୍ମୁଜ ପ୍ରଣାଳୀ' (ହର୍ମୁଜ ଷ୍ଟ୍ରେଟ)। ରିପୋର୍ଟ ଅନୁଯାୟୀ, ଇରାନ ଏହି ମାର୍ଗକୁ ଦୃଢ଼ ଭାବରେ ନିୟନ୍ତ୍ରଣ କରିଥିବାରୁ ଅନେକ ତୈଳ ଟ୍ୟାଙ୍କର ଏହି ମାର୍ଗ ଦେଇ ଯାତ୍ରା କରିପାରୁନାହିଁ। ଯଦି ସେହି ରାସ୍ତା ଦେଇ ଯାଉଥିବା ଜାହାଜଗୁଡ଼ିକୁ ତୈଳ ନେଇ ଯାତ୍ରା କରୁଛି ତେବେ ଇରାନ ଆକ୍ରମଣ କରୁଛି ବୋଲି ଜାତୀୟ ଗଣମାଧ୍ୟମ ଓ ଖବର କାଗଜରେ ପ୍ରକାଶ କରାଯାଉଛି। ଫଳରେ, ସମଗ୍ର ବିଶ୍ୱରେ ତୈଳ ଏବଂ ଗ୍ୟାସ୍ ଯୋଗାଣରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

'ଷ୍ଟ୍ରେଟ୍ ଅଫ୍ ହର୍ମୁଜ', ଯାହାର ଅନ୍ୟ ନାମ ହେଉଛି 'ହର୍ମୁଜ ପ୍ରଣାଳୀ'।ଏକ ସଂକୀର୍ଣ୍ଣ ଜଳମାର୍ଗ। ବୈଶ୍ୱିକ ବଜାରରେ ହେଉଥିବା ତୈଳ କାରବାର ପାଇଁ ବ୍ୟବହୃତ ଏବଂ ରଣନୈତିକ ଦୃଷ୍ଟିକୋଣରୁ ଏହା ଗୁରୁତ୍ୱପୂର୍ଣ୍ଣ। ପଶ୍ଚିମରେ ଥିବା ପାରସ୍ୟ ଉପ-ସାଗରକୁ ପୂର୍ବ-ଦକ୍ଷିଣ ଦିଗରେ ଓମାନ ଉପ-ସାଗର ଏବଂ ଆରବ ସାଗର ସହ ସଂଯୋଗ କରିଥାଏ ଏହି ଜଳପଥ। ଏହା ଦ୍ୱାରା ପାରସ୍ୟ ଉପ-ସାଗରରୁ ତୈଳ ପରିବହନକୁ ସହଜସାଧ ହୋଇଥାଏ। ଭୌଗୋଳିକ ଦୃଷ୍ଟିକୋଣରୁ ହର୍ମୁଜ୍ ପ୍ରଣାଳୀର ଉତ୍ତରରେ ଇରାନ ଏବଂ ଦକ୍ଷିଣରେ ଓମାନର ମୁସାନ୍ଦମ ଉପଦ୍ୱୀପ ଓ ୟୁଏଇ ମଧ୍ୟରେ ଅବସ୍ଥିତ। ବିଶ୍ୱର ସବୁଠାରୁ ଶକ୍ତି ସମୃଦ୍ଧ କ୍ଷେତ୍ର ଭାବେ ଜଣାଶୁଣା।

ତଥ୍ୟ ଅନୁସାରେ, ବିଶ୍ୱର ମୋଟ ତୈଳ ବ୍ୟବସାୟର ପ୍ରାୟ ୨୦ ରୁ ୩୦ ଏହି ଜଳପଥ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ତେବେ ବିଶ୍ୱର ପ୍ରମୁଖ ତୈଳ ରପ୍ତାନିକାରୀ ଦେଶ ହେଲେ ସାଉଦି ଆରବ, ଇରାନ, ୟୁଏଇ, କୁଏତ, ଇରାକ ଆଦି। ଏହା



ଏସିଆ, ୟୁରୋପ ଏବଂ ଅନ୍ୟାନ୍ୟ ବିଶ୍ୱ ବଜାରକୁ ରପ୍ତାନୀ କରିବା ପାଇଁ ଏହି ସଂକୀର୍ଣ୍ଣ ଜଳମାର୍ଗ ଉପରେ ନିର୍ଭର କରିଥାଏ। କୁହାଯାଏ, ହର୍ମୁଜ ପ୍ରଣାଳୀର ନାମକରଣ ପଛରେ ଅନେକ ଐତିହାସିକ ଓ ସାଂସ୍କୃତିକ କାରଣ ରହିଛି।

'ହୋର୍ମୋଜ୍' ନାମକ ପାର୍ସୀ ଶବ୍ଦରୁ ଆସିଛି,ଯାହାର ଅର୍ଥ ହେଉଛି ପ୍ରାଚୀନ ପାରସ୍ୟବାସୀ ଏହି ସମୁଦ୍ର ପଥକୁ ପବିତ୍ର ମନେକରୁଥିଲେ। ସେମାନେ ଏହାକୁ ଅହୁରା ମଜଦାଙ୍କ ରାସ୍ତା କହୁଥିଲେ। ପ୍ରାଚୀନ ଜୋରୋଷ୍ଟ୍ରିଆନ୍ ଧର୍ମକୁ ମାନୁଥିବା ପାରସ୍ୟବାସୀ ହେଉଛନ୍ତି ଆଜିର ଆଧୁନିକ ଇରାନର ମୂଳ ବାସିନ୍ଦା। ଅନ୍ୟାନ୍ୟ ଇତିହାସରୁ ଜଣାଯାଏ, ଏକାଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ଏହି ଅଞ୍ଚଳରେ ହର୍ମୁଜ୍ ଦ୍ୱୀପ ରହିଥିଲା। ଏହାସ୍ଥାନୀୟ ଧନୀ ବାଣିଜ୍ୟ ସାମ୍ରାଜ୍ୟ ହୋର୍ମୁଜ୍ ସାମ୍ରାଜ୍ୟ ଦ୍ୱାରା ନିୟନ୍ତ୍ରିତ ହେଉଥିଲା। ଯାହା ପାରସ୍ୟ, ଆରବ, ଭାରତ ଏବଂ ପୂର୍ବ ଆଫ୍ରିକାକୁ ସଂଯୋଗ କରୁଥିବା ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ଭାବେ କାର୍ଯ୍ୟକରୁଥିଲା। କିଛି ଐତିହାସିକଙ୍କ ମତରେ ହର୍ମୁଜ ପ୍ରଣାଳୀ ଏକ ସ୍ଥାନୀୟ ପାର୍ସୀ ଶବ୍ଦ ଯାହାର ଅର୍ଥ ହେଉଛି ଖଜୁରୀ। ସାଧାରଣରେ ଏକ ଗଛ ବୋଲି ଦର୍ଶାଯାଏ। କିନ୍ତୁ ସ୍ଥାନୀୟ ଜନଜାତିମାନେ ଐତିହାସିକ ଭାବେ ଏହି ନାମ ବ୍ୟବହାର କରୁଥିଲେ। ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଯୋଗୁଁ ଏବେ ସାରା ବିଶ୍ୱରେ ସାମୁଦ୍ରିକ ବାଣିଜ୍ୟ ଉପରେ ଏହାର ପ୍ରଭାବ ପଡ଼ିଛି। ହରମୁଜ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଲଗାତାର ମିଳିତ ଆକ୍ରମଣ କରାଯାଉଛି। ତା'ର ପ୍ରତିବଦଳରେ ଇରାନ ମଧ୍ୟ ଇସ୍ରାଏଲ ଏବଂ ଆମେରିକାର କ୍ଷେପଣାସ୍ତ୍ର ଘାଟି ଉପରେ ଆକ୍ରମଣ କରିଚାଲିଛି। ଏହି ସାମରିକ ଅଭିଯାନ କ୍ରମାନ୍ୱୟ ଭାବେ ଚାଲିଛି କିନ୍ତୁ ଉତ୍ତେଜନା ହ୍ରାସର ସଙ୍କେତ ମିଳୁ ନାହିଁ। ଫଳରେ ହୁତୁହୁତୁ ଜଳୁଛି ହର୍ମୁଜ ପ୍ରଣାଳୀ। ଅନ୍ୟପଟେ ବିଶ୍ୱରେ ତୈଳ ଏବଂ ଗ୍ୟାସ ବାଣିଜ୍ୟକୁ ବାଧା ସୃଷ୍ଟି କରୁଛି। ଯୁଦ୍ଧକୁ କେନ୍ଦ୍ର କରି ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ଏହାଦ୍ୱାରା ସମସ୍ତ ବାଣିଜ୍ୟିକ ଜାହାଜ ବନ୍ଦ ହେବାସହ ସାରା ବିଶ୍ୱରେ ତେଲ ଏବଂ ଗ୍ୟାସ ଯୋଗାଣ ଠପ୍ ହୋଇଯିବାରୁ ବିଶ୍ୱ ତୈଳ ମୂଲ୍ୟ ଉପରେ ସିଧାସଳଖ ପ୍ରଭାବ ପଡିଛି। ଫଳରେ ସମଗ୍ର ବିଶ୍ୱରେ ତୈଳ ଓ ଗ୍ୟାସ୍ ମୂଲ୍ୟ ବହୁଳ ଭାବରେ ବୃଦ୍ଧି ପାଇଛି। ଏପରି ପରିସ୍ଥିତି ଉପୁଜିବାରୁ ଆମେରିକା ଭଳି ଧନୀ ରାଷ୍ଟ୍ର ସମେତ ସାରା ବିଶ୍ୱରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। କିନ୍ତୁ, ଇରାନ ପାଇଁ ଏହା ଆର୍ଥିକ ଭାବରେ ଆତ୍ମ-କ୍ଷତି ମଧ୍ୟ ହେବ, କାରଣ ଇରାନର ତେଲ ମଧ୍ୟ ଏହି ରାସ୍ତା ବ୍ୟବହାର କରେ। ଏହା ବ୍ୟତୀତ, ହରମୁଜ ପ୍ରଣାଳୀକୁ ବନ୍ଦ କରିବା ଦ୍ୱାରା ଉପସାଗରର ଆରବ ଦେଶଗୁଡ଼ିକୁ ମଧ୍ୟ ସେମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ ଏହି ମହାଯୁଦ୍ଧରେ ଯୋଗ ଦେବାକୁ ବାଧ ହୋଇପାରନ୍ତି।

ଭୁବନେଶ୍ୱର,
ମୋ-୯୭୭୭୭୨୯୦୦୨

# ଭାପୁର ଅଞ୍ଚଳର ଜୀବନରେଖା ମହାନଦୀ ଏବେ ମୃତ !

## ଚାଷଜମି ସହ ତଥା ପାନୀୟ ଜଳର ସମସ୍ୟା ବଢ଼ି ଚାଲିଛି

ଭାପୁର,(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର କେନ୍ଦୁପଲ୍ଲି, କରବର, ପଦ୍ମାବତୀ ପଂଚାୟତ ଦେଇ ବୋହିଯାଇଛି ବ୍ଲକର ଜୀବନରେଖା କୁହାଯାଉଥିବା ନଦୀର ମା ମହାନଦୀ ଏବଂ ମୃତ ଅବସ୍ଥାରେ । ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ନଦୀ ଶୁଖିଲା ପଡିବା ସହ ଚାରିଆଡେ ବିସ୍ତିର୍ନ୍ନ ବାଲୁକା ଶଯ୍ୟା ଦେଖିବାକୁ ମିଳିଛି । ମହାନଦୀର ଉପର ମୁଣ୍ଡରୁ ପାଣି ଆସିବା ଠପ ହୋଇ ପଡିଚି। ଓଡିଶା ଏବଂ ଛତିଶଗଡ଼ ରାଜ୍ୟର ଅଂହକାର ପାଇଁ ମହାନଦୀ ଉପରେ ନିର୍ଭର କରି ବଞ୍ଚୁଥିବା ଭାପୁର ବ୍ଲକର ଜନସାଧାରଣଙ୍କ ଜୀବିକା ଓ ଜୀବନ ଉପରେ ପଡିଛି ପ୍ରଭାବ। ମହାନଦୀ କୂଳରେ ଅବସ୍ଥିତ ଗ୍ରାମଗୁଡିକର ଜନତା ଏବେ ଭାଗବାନଙ୍କ ଭରସାରେ ହାତ ଟେକି ଦେଇଛନ୍ତି। କରବର,କେନ୍ଦୁପଲ୍ଲୀ,ପଦ୍ମାବତୀ,ମାଧପୁର ପଂଚାୟତବାସୀଙ୍କ ପାଇଁ ନା ପାନୀୟ ଜଳ, ନା ଚାଷ କ୍ଷେତକୁ ଜଳ, ନା ମାଛମାରି ବଂଚୁଥିବା ଧୀବର ମାନେ ଖରାଦିନ ଆସିଲେ ମୌଳିକ ଜୀବିକାରୁ ବଂଚିତ ହେଉଛନ୍ତି। ମହାନଦୀରେ ବଡ଼ବଡ଼ ବୋରିଂ କରି ମେଗାପ୍ରକଳ୍ପ ଦ୍ୱାରା ନୟାଗଡ,ରଣପୁର, ଓଡ଼ଙ୍ଗା, ଖଣ୍ଡପଡ଼ା, ଭାପୁର, ବେଗୁନିଆ ବ୍ଲକକୁ ଜଳ ଯୋଗାଣ ହେଉଛି। କିନ୍ତୁ ମହାନଦୀରେ ପାଣି ନଥିବାରୁ ଏହି ସବୁ



ବ୍ଲକର ଜନସାଧାରଣ ପାଣି ପାଇବାରେ ସମସ୍ୟା ଦେଖା ଦେଇଛି। ସେଥିପାଇଁ ପ୍ରଶାସନ ନଦୀରେ ଯେଉଁଠାରେ ପାଣି ଧାର ରହିଛି ସେଠାରୁ ବାଲି ଖୋଳି ରାସ୍ତା ମାଧ୍ୟମରେ ମେଗା ପ୍ରକଳ୍ପର ବୋରିଙ୍ଗ ସ୍ଥାନକୁ ପାଣି ଅଣାଯାଉଛି। ଏପରିକି ନଦୀ ଶଯ୍ୟାରେ ଚରୁଥିବା ଗୃହପାଳିତ ପଶୁ ପାଣି ପାଇଁ ତହଳବିକଳ ହେଉଛନ୍ତି।ଏହି ଅନ୍ତଃରାଜ୍ୟ ସମସ୍ୟା ଯଥାଶୀଘ୍ର ଦୂର କରାନଗଲେ ଭବିଷ୍ୟତରେ ଉକ୍ତ ପରିସ୍ଥିତି ଦେଖାଯିବ ବୋଲି ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ଛତିଶଗଡ ଏବଂ ଓଡ଼ିଶା ଦୁଇ ରାଜ୍ୟସରକାର ଅଂହକାର ଛାଡି ଓଡିଶା ତାର କିଭଳି ନାର୍ଯ୍ୟ ଅଧିକାର ପାଇବ ସେ ସମ୍ପର୍କରେ ଆଲୋଚନା ମାଧ୍ୟମରେ ସମସ୍ୟାକୁ ସମାଧାନ କରି ମହାନଦୀ ଉପରେ ବଞ୍ଚୁଥିବା ଜନସାଧାରଣଙ୍କ ପାଇଁ ଚିନ୍ତା କରିବାର ବର୍ତ୍ତମାନ ସମୟ ଆସିଯାଇଛି। ରାଜ୍ୟ ସରକାର ମହାନଦୀ ଉପରେ ଛୋଟଛୋଟ ବ୍ୟାରେଜ ନିର୍ମାଣ କରିବା ସହ ଅଧିକ ଜଳ କିଭଳି ସରଂକ୍ଷଣ କରିହେବ ସେ ଉପରେ ଚିନ୍ତା କରିବା ଦରକାର। ନଦୀର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରି ନିମ୍ନଗାମୀ ହେଉଥିବା ଜଳସ୍ତରକୁ ରୋକିବା ଦରକାର। ଚିରସ୍ରୋତା ମହାନଦୀକୁ ଯଦି ପୁନଃରୁଦ୍ଧାର କରା ନ ଯାଏ ତେବେ ସମୟଚକ୍ର ଅନୁସାରେ ତାହା ମୃତ ଅବସ୍ଥାକୁ ଚାଲିଯିବା ପୂର୍ବରୁ ରାଜ୍ୟସରକାର ଏହାର ସମାଧାନ କରିବା ଦରକାର।ବର୍ତ୍ତମାନ ଠାରୁ ମହାନଦୀକୁ ବଞ୍ଚେଇ ନ ଯାଏ ତେବେ ନଦୀ, ମହାନଦୀ ତଥା ଭାପୁର ବ୍ଲକର ଜୀବନରେଖା ମହାନଦୀ ଇତିହାସ ପୃଷ୍ଠାରୁ ଲିଭିଯିବା ସହିତ ଭବିଷ୍ୟତରେ ଛାତ୍ରଛାତ୍ରୀ ମାନେ ମହାନଦୀ କ'ଣ ବୋଲି ବୁଝିପାରିବେ ନାହିଁ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଆଲୋଚନା ହେଉଛି।

## ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ରାୟଗଡ଼ା,(ନିପ୍ର): ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ, ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ରାୟଗଡ଼ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ରାୟଗଡ଼ ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଅଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାୟଗଡ଼, ସୁଜିତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁଚରଣ ନାୟକ, ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼, ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ପଞ୍ଚାୟତ ସମିତି ଅଧକ୍ଷା ସୁଶ୍ରୀ ଟୁନି ହୁଇକା, ଉପାଧ୍ୟକ୍ଷ ଶ୍ରୀ. ହରପ୍ରସାଦ ହେପ୍ରୁକା, ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା, ସ୍ମୃତିରେଖା ନାୟକ, ସମସ୍ତ କର୍ମଚାରୀ ବୃନ୍ଦ ଓ ରାୟଗଡ଼



ଭିନ୍ନକ୍ଷମ ମହାସଂଘ ଓ ଓଡିଶା ବିକଳାଙ୍ଗ ମଞ୍ଚର କର୍ମକର୍ତ୍ତା ବୃନ୍ଦ, ଶିଶିର ରାଉଳ, ଅମରେନ୍ଦ୍ର ନାଥ, ରାକେଶ ଚନ୍ଦ୍ର ହିମିରିକା, ସନ୍ତୋଷ ମହାପାତ୍ର, ଜଳେନ୍ଦ୍ର ବାଚେଲୀ, ଶିବିରରେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୨୪୩ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ୧ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆଶା ବାଡି, ୧ ଜଣଙ୍କୁ ଚକ ଲଗା ଚୌକି, ୧୦ ଜଣଙ୍କୁ ବସ ପାସ ପ୍ରଦାନ କରାଗଲା। ଏତଦବ୍ୟତୀତ, ୭ ଜଣଙ୍କ ଡ଼ି.ଆର.ଆଇ. ଋଣ ଫର୍ମ, ୯ ଜଣଙ୍କ ଭତ୍ତା ଫର୍ମ ଓ ୪ ଜଣଙ୍କ ବସ୍ ପାସ ଫର୍ମ ସଂଗ୍ରହ କରାଯାଇଛି, ଯାହା ଆଗାମୀ ଦିନରେ ଅନୁମୋଦନ କରାଯାଇ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ । ଉକ୍ତ ଶିବିରରେ ୭୪ ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ, ନାସା କର୍ଣ୍ଣ ଗଳା ବିଶେଷଜ୍ଞ, ବରିଷ୍ଠ ଫାର୍ମାସିଷ୍ଟ ଦ୍ୱାରା ପରୀକ୍ଷା କରାଯାଇ ଆଗାମୀ ଦିନରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ।

## ଲୋକଶକ୍ତି ଅଭିଯାନ ପରିକ୍ରମା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

ରମ୍ଭା,(ନିପ୍ର): ଗଞ୍ଜାମ ବ୍ଲକ୍ ସ୍ଥିତ ସୁବଳୟା ଗ୍ରାମ ପଞ୍ଚାୟତ ତରଫରୁ ସ୍ଥାନୀୟ ବାଲି ବଗଡ ଗ୍ରାମ ଠାରେ ପରିବେଶ ନ୍ୟାୟିକ ସୁରକ୍ଷା ରାଷ୍ଟ୍ରୀୟ ସମନ୍ୱୟ ମଞ୍ଚ,ଓଡ଼ିଶା ଲୋକଶକ୍ତି ଅଭିଯାନ ରଥକୁ ପଥପ୍ରାନ୍ତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରକୃତି ବନ୍ଧୁ ତଥା ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ଏହି ପରିକ୍ରମା ରଥକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଶିକ୍ଷାବିତ୍ ବାନାମ୍ବର ପଲେଇ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ଦନ୍ତପୁର ଐତିହ୍ୟ ସଂସ୍କୃତି ଗବେଷଣା ପରିଷଦ ଆବାହକ ଅଶୋକ ସାହୁ, ସୁବଳୟା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ କେଦାରନାଥ ସ୍ୱାଇଁ, ନାଏବ ସରପଞ୍ଚ ରାକେଶ କୁମାର ସାହୁ,ଆଇନଜୀବି କୁଶ ବେହେରା,ବାଲି ବଗଡ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ ସଦସ୍ୟା ସମେତ ଗ୍ରାମ ପ୍ରତିନିଧି ବର୍ଗ ଯୋଗ ଦେଇଥିଲେ । ଉକ୍ତ ଅଭିଯାନ ଦଳର ନେତୃତ୍ୱ ନେଉଛନ୍ତି ଗ୍ରୀନ ନୋବଲ ବିଜେତା ଓଡ଼ିଶାର ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କ ସହ ଆଦିବାସୀ ଜଙ୍ଗଲ ଅଧିକାର ନେତା ନାଚିକା ଲିଙ୍ଗା, ଡ଼ ବିଶ୍ୱଜିତ୍‌ଙ୍କ ସମେତ ଓଡ଼ିଶା ଜଳ,ଜମି,ଜଙ୍ଗଲ ସୁରକ୍ଷା ପାଇଁ ସଂକଳ୍ପ ନେଇଥିବା ପରିବେଶ ସୁରକ୍ଷା କର୍ମୀ ଏଥିରେ ଯୋଗ ଦେଇ ଜନ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ସେମାନଙ୍କ ଅନୁଭୂତି ବିନିମୟ କରିଥିଲେ ।

## ଏଲ୍‌ପିଜି ଗ୍ୟାସର ଅଚଳାବସ୍ଥା, କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ଭବାନୀପାଟଣା,(ନି.ପ୍ର): ଏଲ୍ ପି ଜି ବା ରନ୍ଧନ ଗ୍ୟାସ୍ ଯୋଗାଣରେ ଦର ବୃଦ୍ଧି ଓ ଅଚଳାବସ୍ଥା ବିରୋଧରେ ଜିଲା କଂଗ୍ରେସ ଦଳ ସଭାପତି ଜଳନ୍ଧର ନାୟକଙ୍କ ନେତୃତ୍ୱରେ ନକଟିଗୁଡା ଛକ ସ୍ଥିତ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ମୋଦି ସରକାର ଓ ଯୋଗାଣ ମନ୍ତ୍ରୀଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରି ଗ୍ୟାସ୍ ସିଲିଣ୍ଡର ଧରି ଇସ୍ତଫା ଦାବି କରିଥିଲେ। ଏହି ସଭାରେ ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲ, ଉଛବ ସାହୁ, ଇନ୍ଦ୍ରଜିତ୍ ମହାକୁଡ,ଜୟଦେବ ଜେନା ,ସନ୍ତୋଷ ପ୍ରଧାନ ସରୋଜ ବାଗ, ମାଣିକ୍ୟ ସୁନା, ବାବା ଖାଁ, ମହମ୍ମଦ ସାହେବ, ମନ୍ଦାକିନୀ ବାଣୁଆ, ସୁକାନ୍ତି ସରାଫ,ମାର୍ଜିନା ପ୍ରଧାନ ମୁରଲୀ ନାୟକ, ନୀଳାଞ୍ଚଳ ନାୟକ, ସୁଦର୍ଶନ ବିଶ୍ୱାଳ, ସୁକାନ୍ତ ବିଶି




,ଭାଗବତ ବାବୁ, ରୋଜି ନାୟକ, ସୈଭାଗ୍ୟ ମଲିକ୍ ପ୍ରମୂଖ ମୋଦୀ ସରକାରଙ୍କ ବିରୋଧରେ କଟୁ ସମାଲୋଚନା କରି ତାଙ୍କ ଇସ୍ତଫା ଦାବି କରିଥିଲେ। ସକାଳ ୧୦ ଘଣ୍ଟା ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ମୋଦୀ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

## ରକ୍ତଶିକୁଳି ରୋଗରେ ସନ୍ତୁଳି ହେଉଛି ଶାରଦା

ରାୟଗଡ,(ନିପ୍ର ): ରାୟଗଡା ସଦର ବ୍ଲକ ସ୍ଥିତ କେରଡା ପଞ୍ଚାୟତ ଅନ୍ତର୍ଗତ ଅତଡ଼ା ଗ୍ରାମର ଶାରଦା ହାରିକା ।ବୟସ ୨୪ ବର୍ଷ। ରକ୍ତ ଶିକୁଳି ରୋଗରେ ପୀଡ଼ିତ। ହାତ ଗୋଡ ଫୁଲି ଯାଇଛି। ଠିକ୍ ଭାବେ ଚଲା ବୁଲା ବି କରିପାରୁ ନାହାନ୍ତି। ଆଧାର କାର୍ଡ ନ ଥିବା ଯୋଗୁଁ ବଡ ହଇରାଣ ହେଇଯାଉଛନ୍ତି। ଆଧାର କାର୍ଡ ପାଇଁ ଅନେକ କଷ୍ଟ କରିଛନ୍ତି। ରକ୍ତ ଶିକୁଳି ରୋଗରେ ଆକ୍ରାନ୍ତ ହୋଇଥିବାରୁ ଶରଦାଙ୍କ ଆଖି ସ୍କାନ ହେଇପାରୁନି କି ଫିଙ୍ଗର ପ୍ରିଣ୍ଟ ମଧ ନେଉନି। ଆଧାର ଉଚ୍ଚ ଶିକ୍ଷା ପାଇଁ ସାଜିଛି ବାଧକ। ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ି ଛନ୍ତି। ଭଲ ପାଠ ପଢ଼ି ଶିକ୍ଷୟତ୍ରୀ ଭାବେ ଚାକିରୀ ଖଣ୍ଡେ କରିବେ ବୋଲି ଜୀବନରେ ଲକ୍ଷ୍ୟ ରଖିଥିଲେ। ଆଧାର କାର୍ଡ ନ ଥିବାରୁ କଲେଜରେ ନାମ ଲେଖାଇ ପାରିଲେ ନାହିଁ। ଅଧାରେ ରହିଲା ପାଠପଢା। ସ୍ୱପ୍ନ ତାଙ୍କର ଦୁଃ ସ୍ୱପ୍ନରେ ପରିଣତ ହୋଇଗଲା। ଜୀବନ ଯନ୍ତ୍ରଣା ଅସହ୍ୟ ହେବାରେ ଲାଗିଛି ଦିନକୁ ଦିନ। ତଥାପି ହାର ମାନିବାକୁ ନାରାଜ ଶାରଦା। ପାଠ ପଢ଼ିବା ପାଇଁ ପ୍ରବଳ ଇଚ୍ଛା। କିନ୍ତୁ କରିବେ କଣ, ନିରୁପାୟ।

ବାପା ତିରୁପତି ହାରିକା। ଜଣେ ଦିନ ମଜୁରିଆ । ମା ପଦ୍ମା ହାରିକା କୁହନ୍ତି ଝିଅକୁ ସିକିଲସେଲ ରୋଗ। ତିନି ମାସକୁ ୪ ବୋତଲ ରକ୍ତ ଦରକାର ପଡେ। ଗୋଟିଏ ବୋତଲ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ମିଳି ଯାଉଥିବା ବେଳେ ଆଉ ତିନି ବୋତଲ ଯୋଗାଡ଼ କରିବାକୁ ପଡେ। ଆଧାର କାର୍ଡ ନଥିବାରୁ ଭତ୍ତା କି ରାସନ ଚାଉଳ ମଧ ମିଳି ପାରୁନି। ଖଟିଲେ ବଞ୍ଚୁଛୁ। ଉପାୟ କିଛି ମିଳୁନି। ଝିଅ ପାଠ ପଢ଼ି



ଶିକ୍ଷୟିତ୍ରୀ କାମ କରିବ ବୋଲି ଆଶା ରଖିଛି। କିନ୍ତୁ ଆଧାର କାର୍ଡ ନଥିବାରୁ ପାଠ ପଢ଼ାରେ ବନ୍ଧା ହୋଇଛି ଡୋରି।ରକ୍ତ ଶିକୁଳି ରୋଗୀ ଝିଅ, ହାତ ଗୋଡ଼ ଫୁଲିଯାଉଛି। ଚଲାବୁଲା ବି କରିପାରୁନି। କିନ୍ତୁ କଣ କରିବୁ।ଏ ବିଷୟରେ ରାୟଗଡା ଉପ -ଜିଲ୍ଲାପାଳଙ୍କୁ କହିବାରୁ ସେ କହିଲେ ତାର ଆଧାର କାର୍ଡ କିପରି ହେଇପାରିବ, ରାସନ କାର୍ଡ କଥା କିପରି ହେଇପାରିବ ସେ ତାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ଖୁବ ଶୀଘ୍ର ଶାରଦାଙ୍କ ସୁବିଧା ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ।

## କଳାହାଣ୍ଡି ଜିଲ୍ଲାରେ ରୋଷେଇ ଗ୍ୟାସ ମହଜୁଦ,ଗୁଜବ ଦ୍ୱାରା ପ୍ରଭାବିତ ନ ହେବାକୁ ସୂଚନା

ଭବାନୀପାଟଣା,(ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ଯଥେଷ୍ଟ ପରିମାଣର ଇନ୍ଧନ ଗ୍ୟାସ ବିତରକ ମାନଙ୍କ ନିକଟରେ ଗଚ୍ଛିତ ରହିଛି । ଅନୁଯାୟୀ ବିତରଣ କରାଯାଉଅଛି । ତେଣୁ ଜନସାଧାରଣ କୌଣସି ଗୁଜବ ଦ୍ୱାରା ପ୍ରଭାବିତ ନ ହୋଇ ଏଥିପ୍ରତି ନିଶ୍ଚିତ ରହିବା ସହିତ ବିତରକ ମାନଙ୍କ ନିକଟରେ ଅଯଥା ଭିଡ ନକରି କ୍ରମାନ୍ୱୟରେ ଉପଯୁକ୍ତ ସମୟରେ ବିତରକଙ୍କ ଠାରୁ ରନ୍ଧନ ଗ୍ୟାସ ନେବା ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ କଳାହାଣ୍ଡି ଜନସାଧାରଣଙ୍କୁ ସୂଚନା ଦିଆଯାଇଛି। ଜିଲ୍ଲାର ସମସ୍ତ ଲୋକ ପେଟ୍ରୋଲ, ଡିଜେଲ,ରନ୍ଧନ ଗ୍ୟାସ କିପର ଠିକ୍ ସମୟରେ ପାଇପାରିବେ ଏ ଦିଗରେ ବିତରକମାନେ ଯେପରି କୌଣସି ବ୍ୟତିକ୍ରମ ନ କରିନ୍ତି ସେଥିପ୍ରତି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ଏବଂ ବ୍ଲକ ସ୍ତରୀୟ କମିଟି ଗଠନ କରାଯାଇ ତିକ୍ଷ୍ଣ ନଜର ରଖାଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଏଥି ପ୍ରତି ସଜାଗ ରହିବା ପାଇଁ ଜିଲ୍ଲାପାଳ କଳାହାଣ୍ଡି ନିର୍ଦ୍ଦେଶ ଦେଇଛନ୍ତି।

## ଧର୍ମଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଧର୍ମଗଡ଼,(ନିପ୍ର): ତାଲୁକୁ ଆଇନ ସେବା ସମିତି, ଧର୍ମଗଡ ଅନୁକୂଲ୍ୟରେ ସ୍ଥାନୀୟ ଧର୍ମଗଡ ସିଭିଲ କୋର୍ଟ ପରିସରରେ ଅତିରିକ୍ତ ଜିଲ୍ଲା ଦୌରା ଜଜ ତଥା ତାଲୁକୁ ଆଇନ ସେବା ସମିତିର ଅଧକ୍ଷ୍ୟ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୧୪ ଟି ମୋଟରଯାନ ଜନିତ ଦୁର୍ଘଟଣାର ଫଇସଲା କରାଯାଇ ହିତାଧିକାରୀଙ୍କୁ ୧ କୋଟି ୩୮ ଲକ୍ଷ ୫୦ ହଜ଼ାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ୫ ଟି ଦେୱାନୀ




ମକଦ୍ଦମା, ୬ଟି ବ୍ୟାଙ୍କ ଋଣ ଖିଲାପୀ ମକଦ୍ଦମାର ସମାଧାନ କରାଯାଇ ୭ ଲକ୍ଷ ୪୩ ହଜ଼ାର ପାଞ୍ଚ ଶହ ଚାରି ଟଙ୍କା ଆଦାୟ କରାଯାଇଥିଲା ଏବଂ ୨୧ ଟି ଫୌଜଦାରୀ ମକଦ୍ଦମାର ଫଇସଲା କରାଯାଇଥିଲା । ଲୋକ ଅଦାଲତରେ ରାଷ୍ଟ୍ରୀୟ ବ୍ୟାଙ୍କ କର୍ମଚାରୀ ମାନେ ମଧ ଅଂଶଗ୍ରହଣ କରିଥିଲେ ଏବଂ ୫ଟି ବ୍ୟାଙ୍କଋଣ ଖିଲାପିଙ୍କ କେଶର ଫଇସଲା କରାଯାଇ ସମୁଦାୟ ୨ ଲକ୍ଷ ୧୨ ହଜାର ଟଙ୍କା ଆଦାୟ କରାଯାଇଥିଲା । ସେହିଭଳି ଉପଖଣ୍ଡ ବିଭାଗୀୟ ବିଚାରପତି, ଧର୍ମଗଡଙ୍କ ତତ୍ତ୍ୱବଧାନରେ ୮୬ ଟି କେଶର ସମାଧାନ କରାଯାଇଥିଲା ।

## ଲୋକ ଅଦାଲତ ଅବସରରେ ସ୍ୱାସ୍ଥ୍ୟ ପରୀକ୍ଷା

ବଲାଙ୍ଗିର,(ନିପ୍ର): ବଲାଙ୍ଗିର ଜିଲ୍ଲା ନ୍ୟାୟାଳୟ ସହିତ ଜିଲ୍ଲାର ସମସ୍ତ ତାଲୁକ ସ୍ତର ଓ ତୁଷୁରା କୋର୍ଟରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଲୋକ ଅଦାଲତ ଜିଲ୍ଲା କୋର୍ଟ ପରିସରରେ ଭାରପ୍ରାପ୍ତ ଜିଲ୍ଲା ନ୍ୟାୟାଧୀଶ ମଳୟ ରଂଜନ ଦାଶ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀଦୀପ୍ ମିଶ୍ରଙ୍କ ଉପସ୍ଥିତିରେ ପରିଚାଳିତ ହୋଇଥିଲା । ଏଥିରେ ବିମଲ କୁମାର ଚାନ୍ଦ, ଚେୟାରମ୍ୟାନ, ପି ଏଲ୍ ଏ, (ପି ୟୁ ଏସ୍), ଅଞ୍ଜଳି ପାଢ଼ୀ, ଅତିରିକ୍ତ ଜିଲ୍ଲା ଜଜ୍ (ଦ୍ୱିତୀୟ), ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ, ଶଙ୍ଖ ଚକ୍ରବର୍ତ୍ତୀ, ରେଜିଷ୍ଟ୍ରାର, ସିଭିଲ କୋର୍ଟ, ଶ୍ରୀଦୀପ୍ ମିଶ୍ର,, ବୈଶାଳୀ ନାୟକ, ସିଭିଲ୍ ଜଜ୍ , ଅର୍ଣ୍ଣପୂର୍ଣ୍ଣା ଷଡଙ୍ଗୀ, ଅତିରିକ୍ତ ସିଭିଲ୍ ଜଜ୍ , ଦୀପାରାଣୀ ଜେନା, ସାସ୍ୱତୀ ମହାପାତ୍ର, ସିଭିଲ୍ ଜଜ୍ (କନିଷ୍ଠ), ଦୀପାଳି ଦାସ, ଅର୍ଘ୍ୟରୂପା ମିଶ୍ର ଏବଂ ଜିଲ୍ଲା ବାରର ପ୍ରାୟ ସମସ୍ତ ଅଧିବକ୍ତା ଉପସ୍ଥିତ ଥିଲେ । ଜିଲ୍ଲାର ବିଭିନ୍ନ ରାଜସ୍ୱ ଅଧିକାରୀ, ଜାତୀୟକରଣ ବ୍ୟାଙ୍କ, ଜଳ ବିଭାଗ, ବିଦ୍ୟୁତ ବିଭାଗ, ବିଏସଏନଏଲ ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀମାନେ ମଧ ଏହି ଲୋକ ଅଦାଲତରେ ଭାଗ ନେଇଥିଲେ। ପ୍ରାଧିକରଣର ଭାରପ୍ରାପ୍ତ ଅଧକ୍ଷ ମଳୟ ରଂଜନ ଦାଶଙ୍କ ନିର୍ଦ୍ଦେଶରେ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ପ୍ରାଧିକରଣ ପରିସରରେ ଉପସ୍ଥିତ ବ୍ୟକ୍ତିମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ମାଗଣାରେ ଔଷଧ ବିତରଣ କରାଯାଇଥିଲା। ସଚେତନତା ବୃଦ୍ଧି ପାଇଁ ଦ୍ୱିତୀୟ ମଧ୍ୟସ୍ଥତା ଅଭିଯାନର ଶିବିର ମଧ ଖୋଲାଯାଇଥିଲା ।

ଏହି ରାଷ୍ଟ୍ରିୟ ଲୋକ ଅଦାଲତରେ ୧୫ଟି ଦେୱାନୀ ମକୋଦ୍ଦମା ଫଇସଲା ହୋଇ ୫୬୩୮୬୧ ଟଙ୍କାରେ ସ୍ଥିର ହୋଇଥିଲା । ୮ଟି ବ୍ୟାଙ୍କ ମକୋଦ୍ଦମାର ସମାଧାନ କରାଯାଇ ୩୦୧୪୬୧୨.୦୭ଟଙ୍କାରେ ହୋଇଥିଲା । ୧୪ଟି ମଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ମୋଟ୍ ୪୭୦୬୦୦୦/- ଟଙ୍କା କ୍ଷତିପୁରଣ ଦେବା ପାଇଁ ଆଦେଶ କରାଯାଇଥିଲା । ୩୮୬ଟି ଫୌଜଦାରି ମକୋଦ୍ଦମା ଫଇସଲା କରାଯାଇ ୩୭୭୨୫୮୫/- ଟଙ୍କା ରେ ସେଟେଲ ହୋଇଥିଲା । ପାରିବାରିକ ମିଳାମିଶାରେ ୪ଟି ମାମଲା ଫଇସଲା ହୋଇଥିଲା ।

## ସଫେଇ ମିତ୍ର ସୁରକ୍ଷା ଶିବିର ଓ ସ୍ୱାସ୍ଥ୍ୟ ପରୀକ୍ଷା

ରଣପୁର,(ନିପ୍ର): ଶନିବାର ରଣପୁର ବିଜ୍ଞାପିତ ଅଞ୍ଚଳ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ସ୍ଥାନୀୟ ମା ମଣିନାଗ କଲ୍ୟାଣୀ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ରଙ୍ଗୀନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ତଥା ଓଡିଶା ବିଧାନସଭା ବାଚସ୍ପତି ସୁରୁମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ




ଦେଇଥିଲେ। ସମାଜ ଗଠନରେ ନାରୀର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ଏବଂ ନାରୀ ଶକ୍ତି ହିଁ ଦେଶକୁ ସମୃଦ୍ଧ ଓ ପ୍ରଗତିଶାଳୀ କରିବାରେ ପ୍ରମୁଖ ପ୍ରଧାନ ଅସ୍ତ୍ର ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗୋପାଳପୁର ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରାଇ, ସାଂସଦ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ. ରଣପୁର କଲେଜ ଅଧାପିକା ଡ଼ଃ ପଟ୍ଟନାୟକ. ରଣପୁର ସିଡିପିଓ.ଏବଂ ରଣପୁର ଏନ. ଏସି ର ସମସ୍ତ ମହିଳା କାଉସିଲର ଯୋଗ ଦେଇ ସମାଜ ଓ ଦେଶ ଗଠନରେ ମହିଳାମାନଙ୍କ ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମହିଳା ଦିବସ ଅବସରରେ ଶ୍ରେଷ୍ଠ ଆଶା ଦିଦି ଭାବେ ସାହୁ ଶ୍ରେଷ୍ଠ ମହିଳା ଅଙ୍ଗନବାଡି କର୍ମୀ ତିଳୋତମା ପଢ଼ିଆରୀ ମହିଳା ହକି ଖେଳାଳି ପ୍ରିତୀମୟୀ ରାଉତ ରୋଜାଲିନି ନାୟକ ଗାୟତ୍ରୀ ବେହେରା ଅନ୍ତର୍ଜାତୀୟ ବ୍ୟାଡ଼ବିଣ୍ଟନ ଖେଳାଳି ରେବତୀ ମଲ୍ଲିକ ପ୍ରମୁଖଙ୍କୁ ବାଚସ୍ପତି ସମ୍ବର୍ଦ୍ଧିତ କରିଥିଲେ । ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ, ଜଳ ସାଥି. ଆହାର କେନ୍ଦ୍ରରେ ନିୟୋଜିତ ମହିଳା କର୍ମୀ. ଗୋଷ୍ଠୀ ଶୌଚାଳୟ ଓ ସାଧାରଣ ଶୌଚାଳୟର ନିୟୋଜିତ କମ୍ୟୁନିଟି ପାଟନର ବିଜ୍ଞାପିତ ଅଞ୍ଚଳ ପରିଷଦର ଶେଷ୍ଠ ମହିଳା କର୍ମଚାରୀ ଦୁଇ ଜଣଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ କଳାକାର ଓ ସିନେ ଅଭିନେତ୍ରୀ ସୁମନ ପଟ୍ଟନାୟକଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଭା ଶେଷରେ ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟନିର୍ବାହି ଅଧିକାରୀ ବିଶ୍ୱମ୍ଭର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥି ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ସମସ୍ତ ସଫେଇ କର୍ମଚାରୀମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସଫେଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା।

## ପ୍ରିମିୟମ୍ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ

ଭବାନୀପାଟଣା,(ନି.ପ୍ର): ସ୍ଥାନୀୟ ଏରୁଡାଇଟ୍ ଇଣ୍ଟେଲିକିଡ୍ ପ୍ରିମିୟମ୍ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ବହୁ ଆଡମ୍ବର ଓ ଉତ୍ସାହର ସହ ଆୟୋଜିତ ହୋଇଯାଇଅଛି। ଏହି ଅବସରରେ ବିଦ୍ୟାଳୟର ଛୋଟଛୋଟ ଶିଶୁମାନେ ନୃତ୍ୟ, ଗୀତ, ରାଇମ୍ସ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶନ କରିଥିଲେ। ଶିଶୁମାନଙ୍କ ଆକର୍ଷଣୀୟ ପ୍ରଦର୍ଶନ ଦେଖି ଅଭିଭାବକ ଓ ଉପସ୍ଥିତ ଅତିଥିମାନେ ବହୁ ଆନନ୍ଦିତ ହୋଇଥିଲେ। ଉକ୍ତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସବିତା ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଜଗଦିଶ ପ୍ରସାଦ ମୁଣ୍ଡ, ସମ୍ମାନୀତ ଅତିଥି ଭାବେ ରବିନ୍ଦ୍ର ପଟ୍ଟନାୟକ, ବିଶେଷ ଅତିଥି ଭାବେ ସାମ୍ବାଦିକ ସ୍ୱାଧିନ ପାତ୍ର, ପି.ଏସ୍. ଏନ୍. ମୂର୍ତ୍ତୀ, ସଂପାଦକ ରୂପେଶ କୁମାର ହୋତା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଜମିନ ନିଶା ଅଧକ୍ଷତା କରିଥିବା ବେଳେ ଆନନ୍ଦୀତା ସା, ପି. ସୀତା ଲକ୍ଷ୍ମୀ ସଂଯୋଜନା କରିଥିଲେ । ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ପରେ ପରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

## ଭଲ ପାଠ ପଢିବାକୁ ପରାମର୍ଶ

ଭବାନୀପାଟଣା,(ନି.ପ୍ର)- କଳାହାଣ୍ଡି ଜିଲ୍ଲାର ପ୍ରଥମ ପ୍ଲେ ସ୍କୁଲ ଭବାନୀପାଟଣା ସ୍ଥିତ ଲଭ୍ ଡେଲ୍ ସ୍କୁଲର ୨୬ ତମ ବାର୍ଷିକ ଉତ୍ସବ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଛି। ମିନାକ୍ଷୀ ଫାଉଣ୍ଡେସନର ଅଧକ୍ଷ ସତ୍ୟନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ପିଲାଙ୍କୁ ପାଠ ଭଲଭାବରେ ପଢିବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ତଥା ନାଟ୍ୟକାର ଡ଼ ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟବକ୍ତା ଏବଂ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି ଓ ମିନାକ୍ଷୀ ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶିକା ଅନ୍ୱେଷା ପି ଶର୍ମା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍କୁଲର ପ୍ରିନ୍ସିପଲ୍ ଏଲିନା ପତି ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ କୃତିତ୍ୱ ଅର୍ଜନ କରିଥିବା ଏହି ବିଦ୍ୟାଳୟର ପୁରାତନ ଛାତ୍ରୀ ସୌମ୍ୟା ସୁଚରିତା ରାୟଗୁରୁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ କଳା ସ୍ନାତକରେ ଟପର୍ ଓ ସୋସିଓଲୋଜି ସ୍ନାତକୋତ୍ତର ଟପର ଏବଂ ପୁରାତନ ଛାତ୍ର ଆର୍ଯ୍ୟାନ୍ ପଣ୍ଡା ବେଡମିଣ୍ଟନରେ ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରାପ୍ତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସେହିପରି ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଶିକ୍ଷୟତ୍ରୀ ଭାବରେ ପ୍ରଜ୍ଞା ପରମିତା ରାୟଗୁରୁଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ସ୍କୁଲର ଛାତ୍ର ଛାତ୍ରୀ ଓ ଶିକ୍ଷୟତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଜ୍ଞା ପରମିତା ରାୟଗୁରୁ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରତାପଗିରି ମନ୍ଦିର ଗୁପ୍ତଧନ ଲୁଟ୍ ଘଟଣା, ମାଷ୍ଟରମାଇଣ୍ଡ ସମେତ ୫ ଗିରଫ

ଭବାନୀପାଟଣା,(ନି.ପ୍ର): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କୁମୁଡ଼ାବାହାଲ ଗ୍ରାମର ପ୍ରାଚୀନ ପ୍ରତାପ ଗିରି (ବୁଢ଼ାରଜା-ଠାକୁରାଣୀ) ମନ୍ଦିରରୁ ଗୁପ୍ତଧନ ଲୁଟ୍ ଘଟଣାରେ ପୋଲିସ ବଡ଼ ସଫଳତା ପାଇଛି। ଏହି ସମ୍ବେଦନଶୀଳ ମାମଲାରେ କଲମପୁର ଥାନା ଦେପୁର ଗ୍ରାମର ଇଶାନ ଟେଣ୍ଟକାରୀଙ୍କୁ ମାଷ୍ଟରମାଇଣ୍ଡ ଭାବେ ଚିହ୍ନଟ କରିବା ସହ ତାଙ୍କର ୪ ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମନ୍ଦିର ପରିସରରେ ପ୍ରାଚୀନ ସମ୍ପତ୍ତି ଥିବା ନେଇ ଇଶାନ ଟେଣ୍ଟକାରୀ ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଖବର ପାଇଥିଲେ। ଏହି ଗୁପ୍ତ ସମ୍ପତ୍ତି ହାତେଇବା ପାଇଁ ସେ ଏକ ସୁଚିନ୍ତିତ ପ୍ଲାନ୍ ପ୍ରସ୍ତୁତ କରିଥିଲେ। ସେ ଥୁଆମୂଳ ରାମପୁର ଅଞ୍ଚଳର କିଛି ସ୍ଥାନୀୟ ବ୍ୟକ୍ତିଙ୍କୁ ଏକଜୁଟ କରି ମନ୍ଦିରରୁ ବହୁମୂଲ୍ୟ ସମ୍ପତ୍ତି ଲୁଟି ନେବାରେ ସଫଳ ହୋଇଥିଲେ ବୋଲି ସନ୍ଦେହ କରାଯାଇଛି। ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ମୁଖ୍ୟ ଭାବେ ଇଶାନ ଟେଣ୍ଟକାରୀ (୩୯), ସ୍ୱର୍ଗତ ଅଚ୍ୟୁତାନନ୍ଦ ଟେଣ୍ଟକାରୀଙ୍କ ପୁଅ, ଦେପୁର ଗ୍ରାମର ଅଟନ୍ତି। ଏହାସହ ରିତେଶ ଧ. ମାଝୀ ଓରଫ ପିଚୁଡ଼ (୨୧), ପିତା ଦିଲ୍ଲୀପ ଧ. ମାଝୀ, ତାଳବନ୍ଧପଡ଼ାର ଅଟନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରେ ରୋଶନ ବିଶି ଓରଫ ସତ୍ୟମ (୨୨), ପିତା ସନ୍ତୋଷ ବିଶି, ଥୁଆମୂଳ ରାମପୁର ଶିବ ମନ୍ଦିର ପଡ଼ାର; ଚନ୍ଦ୍ର ନାୟକ (୪୦), ପିତା ଯାଦୁ ନାୟକ, ଡ଼ାକକୋଟା ଗ୍ରାମର ଏବଂ ନବ କୁମାର ନାୟକ (୩୪), ପିତା ବିରସିଂ ନାୟକ, ଗୋପାଳପୁର ଗ୍ରାମର ରହିଛନ୍ତି। ଥୁଆମୂଳ ରାମପୁର ପୋଲିସ ମାମଲା ନମ୍ବର ୧୦/୨୬ ଅନୁଯାୟୀ ବିଏନ୍‌ଏସ୍‌ର ବିଭିନ୍ନ କଠୋର ଧାରା ଲଗାଇ ଏହି ୫ ଜଣଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଲୁଟ୍ ହୋଇଥିବା ପ୍ରାଚୀନ ସମ୍ପତ୍ତି କେଉଁଠାରେ ଅଛି, ତାହା ପୋଲିସ ଏପର୍ଯ୍ୟନ୍ତ ଜବତ କରିପାରି ନାହିଁ। ତଦନ୍ତକାରୀ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ କହିବା ଅନୁସାରେ, ଏହି ଘଟଣାରେ ଆହୁରି ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସଂପୃକ୍ତି ଥିବା ସନ୍ଦେହ କରାଯାଉଛି। ତେଣୁ, ଏହି ଗ୍ୟାଙ୍ଗ ସହ ଜଡ଼ିତ ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ଜାଲ ବିଛାଇଛି।

## ନୀଳମାଧବ ମନ୍ଦିର ସମସ୍ୟା ନେଇ ଆଇନମନ୍ତ୍ରୀଙ୍କୁ ଭେଟ

ଭାପୁର,(ନିପ୍ର): ପ୍ରତି ଓଡ଼ିଆଙ୍କ ପ୍ରାଣର ଠାକୁର ଶ୍ରୀ ଜଗନ୍ନାଥଙ୍କ ଆଦିପୀଠ କଣ୍ଟିଲୋର ଶ୍ରୀନୀଳମାଧବଙ୍କ ମନ୍ଦିରର ସମସ୍ୟା ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସରକାରୀ ପ୍ରକୋଷ୍ଠରେ ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ ସ୍ୱାଇଁଙ୍କ ସମେତ ନୀଳମାଧବ ମନ୍ଦିର ପୂଜକ ସମାଜର ଏକ ପ୍ରତିନିଧି ଦଳ ଭେଟିବା ସହିତ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି।





ଉଲ୍ଲେଖଯୋଗ୍ୟ,ନୀଳମାଧବଙ୍କ ପୀଠ ରୂପାନ୍ତରୀକରଣ ପାଇଁ ପୂର୍ବ ବିଜେଡି ସରକାର ୨୦୨୨ ମସିହା ଏପ୍ରିଲ ମାସ ୧୪ ତାରିଖ ଦିନ ଭିକେ ପାଣ୍ଡିଆନ କଣ୍ଟିଲୋ ଗସ୍ତ ସମୟରେ ନୀଳମାଧବଙ୍କ ମନ୍ଦିର ବିକାଶ ପାଇଁ ୧୦୦ କୋଟି ଅନୁଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଟଙ୍କା ମଞ୍ଜୁର ହୋଇ ରୂପାନ୍ତିକରଣ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ସରକାର ଆସିବାପରେ ପ୍ରକଳ୍ପ ଦାୟିତ୍ୱରେ ରହିଥିବା ଏକ ଠିକାସଂସ୍ଥା କୌଣସି କାରଣରୁ କାର୍ଯ୍ୟ ବନ୍ଦ କରିଦେଇଥିଲା। ମୁଖ୍ୟ ସମସ୍ୟା ଗୁଡିକ ପ୍ରତି ଦୃଷ୍ଟି ନ ଦେଇ କାର୍ଯ୍ୟ ଅଧାପନ୍ତରିଆ ଭାବରେ ଛାଡି ଦେଇଥିବାରୁ ମନ୍ଦିର ରୁଗ୍ଣ ଅବସ୍ଥାକୁ ଚାଲି ଆସି ରୂପାନ୍ତିକରଣ ବାସ୍ତବତା ରୂପ ନେବାରେ ଅଟକି ଯାଇଛି । ସିଂହଦ୍ୱାରସ୍ଥିତ ଅରୁଣ ସ୍ତମ୍ଭ ମୂଳ ଦୁର୍ବଳ ହୋଇ ପବନ ହେଲେ ଦୋହଲୁଥିବା ମନ୍ତ୍ରୀଙ୍କୁ ଦର୍ଶାଇବା ସହିତ ପାର୍ଶ୍ୱଦେବ ଜଗନ୍ନାଥ ମନ୍ଦିର ଗରୁଡ଼ ସ୍ତମ୍ଭ ମଧ ଭାଙ୍ଗି ଯାଇଥିବା ନେଇ ପୂଜକ ସମାଜ ଜଣେଇଥିଲେ । ଏ ସମ୍ପର୍କରେ ପ୍ରତ୍ନତତ୍ତ୍ୱ ବିଭାଗ ସମେତ ଜିଲ୍ଲାପାଳ, ଦେବୋତ୍ତର କମିଶନର, ତହସିଲଦାର ଆଦି ବିଭାଗୀୟ ପଦାଧିକାରୀଙ୍କୁ ପୂର୍ବରୁ ଲିଖିତ ଭାବେ ଜଣେଇ ଦିଆଯାଇଥିବା ପୂଜକ ମାନେ କହିଥିଲେ । ମନ୍ଦିର ପରିସରରେ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା ନ ଥିବାରୁ ଶ୍ରଦ୍ଧାଳୁମାନେ ମନ୍ଦିର ବେଢାରେ ଖରା, ବର୍ଷାରେ ବସି ପ୍ରସାଦସେବନ କରୁଛନ୍ତି। ମନ୍ଦିର ପରିଚାଳନା ପାଇଁ ନିୟୋଜିତ ହୋଇଥିବା ମ୍ୟାନେଜର ୨ବର୍ଷ ତଳୁ ଇସ୍ତଫା ଦେଇଥିବାରୁ ମନ୍ଦିର ପରିଚାଳନା ତଥା ନୀଳମାଧବଙ୍କ ବିଭିନ୍ନ ପର୍ବପର୍ବାଣି ପାଳନରେ ଅବ୍ୟବସ୍ଥା ଦେଖାଦେଉଛି।

ଏଣୁ ଶୃଙ୍ଖଳିତ ପରିଚାଳନା ପାଇଁ ଜଣେ ଓଏଏସ ଅଫିସରଙ୍କୁ ନିଯୁକ୍ତି ସହ ଆବଶ୍ୟକ କର୍ମଚାରୀ ନିୟୋଜନ ଦାବି କରିଥିଲେ । ମନ୍ଦିରର ପରିଚାଳନା ପାଇଁ ସ୍ୱତନ୍ତ୍ର କର୍ପସ ଫଣ୍ଡ ଗଠନ ଏବଂ ଆଲୋକ ବ୍ୟବସ୍ଥା ସହ ମନ୍ଦିର ପରିସର ପରିବେଶର ସ୍ୱଚ୍ଛତା ଉପରେ ଧ୍ୟାନ ଦେବା ପ୍ରମୁଖ ଦାବି ସମ୍ପର୍କରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପୂଜକ ସମାଜ ସଭାପତି ନିହାର ରଞ୍ଜନ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ନୀଳମାଧବପୀଠକୁ ନିମନ୍ତ୍ରଣ କରିବା ସହିତ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ।

# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

### ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ଇରାନର ଧମକ

## ନେତାନ୍ୟାହୁଙ୍କୁ ଖୋଜି ଖୋଜି ମାରିବୁ

ନୂଆଦିଲ୍ଲୀ, ୧୫ /୩:ମଧ୍ୟପ୍ରାଚ୍ୟରେ ଘମାଘୋଟ ଲଢେଇ । ଇରାନ ଉପରେ ଇସ୍ରାଏଲ ଏବଂ ଆମେରିକାର ଆକ୍ରମଣ । ଇରାନର ପାଲଟା ଜବାବ। ଏହା ଭିତରେ ସାମ୍ନାକୁ ଆସୁଛି ନୂଆ ନୂଆ ଖବର । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମୃତ୍ୟୁ ଏବଂ ନିଖୋଜ ଖବରକୁ ନେଇ ହଠାତ ସବୁ ଆଡେ ଚର୍ଚ୍ଚା । ଇସ୍ରାଏଲ ପକ୍ଷରୁ ନେତାନ୍ୟାହୁଙ୍କ ନିଖୋଜ ଖବରକୁ ଖଣ୍ଡନ କରାଯାଇଥିଲେ ମଧ ଟାର୍ଗେଟ୍ କରିଛି ଇରାନ୍। ଇରାନ କହିଛି ଯେ, ନେତାନ୍ୟାହୁ ଜୀବିତ ନା ମୃତ ତାହା କେହି କହୁ ନାହାଁନ୍ତି । ଯଦି ସେ ବଞ୍ଚିଥାନ୍ତି ତେବେ ଇରାନ ତାଙ୍କୁ ହତ୍ୟା କରିବ । ଇସ୍ରାଏଲ ପିଏମଙ୍କୁ ନେଇ ବୁଲୁଥିବା ଅନେକ ଖବର ଭିତରେ ଇରାନ ଏପରି ପ୍ରତିକ୍ରିୟା



ଦେଇଛି । ତେବେ ଇସ୍ରାଏଲ ପିଏମଓ ନେତାନ୍ୟାହୁ ସୁସ୍ଥ ଥିବା ଏବଂ ଠିକ୍ ଥିବା ସ୍ପଷ୍ଟ କରିସାରିଛି । ଏହାସହ ସମସ୍ତ ଖବରକୁ ଫେକ୍ କହିଛି । ଇରାନ୍ କହିଛି ଯେ, ନେତାନ୍ୟାହୁ ଅନେକ ହତ୍ୟା କରିଛନ୍ତି । ଇରାନର ଅନେକ ଶିଶୁଙ୍କ ସେ ହତ୍ୟାକାରୀ । ଯଦି ଶିଶୁ ହତ୍ୟାକାରୀ ନେତାନ୍ୟାହୁ ବଞ୍ଚିଛନ୍ତି ତାହାଲେ ତାଙ୍କୁ ଛଡାଯିବ ନାହିଁ । ଇରାନ ତାଙ୍କୁ ଖୋଜି ଖୋଜି ହତ୍ୟା କରିବ । ଅନ୍ୟ ଦିଗରେ ଇରାନର ନୂଆ ସୁପ୍ରିମ ଲିଡର ମୋଜତବା ଖାମେନିଙ୍କୁ ନେଇ ମଧ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନୂଆ କଥା କହିଛନ୍ତି । ପ୍ରଥମେ ମୋଜତବାଙ୍କ ଗୋଡ କଟାଯାଇଥିବା ଖବର ଆସିଥିଲା । ଏବେ ଟ୍ରମ୍ପ୍ ଜୁନିଅର ଖାମେନି ଜୀବିତ ନଥିବା କହିଛନ୍ତି । ତାଙ୍କୁ କେଉଁଠି ଦେଖିବାକୁ ମିଳୁନି । ସେ ଖାମେନିଙ୍କ ମୃତ୍ୟୁ ଖବର ଶୁଣିଛନ୍ତି । ସୂଚନାଯୋଗ୍ୟ, ଫେବ୍ରୁଆରୀ ୨୮ ତାରିଖରେ ଇରାନର ଅନେକ ସ୍ଥାନରେ ଆମେରିକା ଏବଂ ଇସ୍ରାଏଲ ଏୟାରଷ୍ଟ୍ରାଇକ୍ କରିଥିଲେ ।

## ୨୨ ଭାରତୀୟ ଜାହାଜ ହର୍ମୁଜରେ ଅଟକିଛି

### ୬ ଏଲପିଜି ଜାହାଜକୁ ଘେରିଗଲେ

ତେହେରାନ, ୧୫।୩: ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁଁ ବଢୁଥିବା ଉତ୍ତେଜନା ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ଭାରତ ମଧ ପ୍ରଭାବିତ ହୋଇଛି। ବିଶେଷକରି, ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ବାଧାପ୍ରାପ୍ତ ହେବା ଯୋଗୁଁ ଶକ୍ତି କ୍ଷେତ୍ର ଗୁରୁତର ଭାବରେ ପ୍ରଭାବିତ ହୋଇଛି। ସମ୍ପ୍ରତି ଇରାନ କିଛି ଭାରତୀୟ ଜାହାଜକୁ ହର୍ମୁଜ୍ ଦେଇ ଯିବାକୁ ଅନୁମତି ଦେଇଥିଲା। ବର୍ତ୍ତମାନ, ଏହା ରିପୋର୍ଟ କରାଯାଉଛି ଯେ ଭାରତକୁ ଆସୁଥିବା ୨୨ଟି ଜାହାଜ ହର୍ମୁଜ୍ ପ୍ରଣାଳୀ ନିକଟରେ ଫସି ରହିଛି। ସେମାନଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବା ପାଇଁ କୂଟନୈତିକ ପ୍ରୟାସ ଜୋରଦାର୍ କରାଯାଇଛି। ଏହି ଜାହାଜ ମଧ୍ୟରୁ ଛଅଟିରେ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ (ଏଲପିଜି)



ପରିବହନ କରାଯାଉଛି। ସେହିପରି ଚାରୋଟି ଜାହାଜରେ ଅଶୋଧିତ ତେଲ ରହିଛି। ରିପୋର୍ଟ ଅନୁଯାୟୀ, ଭାରତ ସରକାର ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ ଫସି ରହିଥିବା ୨୨ଟି ଭାରତୀୟ ଜାହାଜ ପାଇଁ ସୁରକ୍ଷିତ ପଥ ସୁନିଶ୍ଚିତ କରିବା ଲାଗି କୂଟନୈତିକ ପ୍ରୟାସକୁ ଜୋରଦାର୍ କରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ କହିଛି, ଶକ୍ତି ଯୋଗାଣ ବାଧାପ୍ରାପ୍ତ ନହେବା ଏବଂ ଭାରତୀୟ ଜାହାଜଗୁଡ଼ିକ ସୁରକ୍ଷିତ ଭାବରେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ ତାହା ନିଶ୍ଚିତ କରିବା ପାଇଁ ଭାରତ ଏହି ଅଞ୍ଚଳର ଅନେକ ଦେଶ ସହିତ ଯୋଗାଯୋଗରେ ଅଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ଭାରତ ପଶ୍ଚିମ ଏସିଆର ଦେଶଗୁଡ଼ିକ ସହିତ ନିରନ୍ତର ଯୋଗାଯୋଗ ବଜାୟ ରଖିଛି। ଭାରତର ପ୍ରାଥମିକତା ହେଉଛି ଶକ୍ତି ସୁରକ୍ଷା ଏବଂ ସାମୁଦ୍ରିକ ମାର୍ଗର ସୁରକ୍ଷିତ ପରିବହନ ସୁନିଶ୍ଚିତ କରିବା। ଏଥିପାଇଁ, ଗଲ୍ଫ ସହଯୋଗ ପରିଷଦ (ଜିସିସି) ଦେଶଗୁଡ଼ିକ ସହିତ ଇରାନ, ଆମେରିକା ଏବଂ ଇସ୍ରାଏଲର ଆଲୋଚନା ଚାଲିଛି।

## ଦୁର୍ଘଟଣାରେ ୭ ଭାରତୀୟ ତୀର୍ଥଯାତ୍ରୀ ମୃତ

ନୂଆଦିଲ୍ଲୀ, ୧୫।୩: ନେପାଳରୁ ଏବେ ଏକ ବଡ଼ ଖବର ଆସୁଛି। ଭାରତୀୟ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଏକ ଖାଇକୁ ଓଲଟି ପଡ଼ିଛି। ଏହି ଦୁର୍ଘଟଣା କେନ୍ଦ୍ରୀୟ ନେପାଳରେ ଘଟିଛି। ରିପୋର୍ଟ ଅନୁଯାୟୀ, ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ପୋଲିସ ଦୁର୍ଘଟଣା ସମ୍ପର୍କରେ ସୂଚନା ଜାରି କରିଛି। ପୋଲିସ କହିଛି ଯେ, ସୂଚନା ପାଇବା ପରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆହତ ମାନଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସ ଘଟଣାର ତଦନ୍ତ କରୁଛି। ରିପୋର୍ଟ ଅନୁଯାୟୀ, ପୋଲିସ କହିଛି ଯେ, ଏହି ଘଟଣା ଶନିବାର ନେପାଳର ଗଣ୍ଡକି ଅଞ୍ଚଳରେ ହୋଇଛି । ତୀର୍ଥଯାତ୍ରୀ ମାନଙ୍କୁ ନେଇ ଯାଉଥିବା ବସ୍ ମନକାମନା ମନ୍ଦିରରୁ ଫେରୁଥିଲା। ଏହି ସମୟରେ, ଗୋରଖା ଜିଲ୍ଲାରେ, ବସ୍ ହଠାତ୍ ନିୟନ୍ତ୍ରଣ ହରାଇ ରାସ୍ତାରୁ ଏକ ଖାଇକୁ ଖସି ପଡ଼ିଲା। ଗୋରଖା ଜିଲ୍ଲାର ଜିଲ୍ଲା ଟ୍ରାଫିକ୍ ପୋଲିସ କାର୍ଯ୍ୟାଳୟର ମୁଖ୍ୟ କହିଛନ୍ତି ଯେ, ମୃତକଙ୍କ ମଧ୍ୟରେ ଦୁଇ ଜଣ ମହିଳା ଏବଂ ପାଞ୍ଚ ଜଣ ପୁରୁଷ ଅଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ସମସ୍ତ ମୃତକ ଭାରତୀୟ ନାଗରିକ।

## ଇଥିଓପିଆରେ ଭୂସ୍ଖଳନ, ୧୦୨ ମୃତ



ଆଦିସ୍ ଅବାବା, ୧୫/୩: ପୂର୍ବ ଆଫ୍ରିକୀୟ ଦେଶ ଇଥିଓପିଆରେ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ତାଣ୍ଡବ ସୃଷ୍ଟି କରିଛି । ଏଥିରେ ଏପର୍ଯ୍ୟନ୍ତ ୧୦୨ ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ଆହୁରି ଅନେକ ଲୋକ ନିଖୋଜ ଅଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୂଚନା ଅନୁସାରେ ଗାଚୋ ବାବା, କମ୍ବା ଓ ବୋଙ୍କେ ଜିଲ୍ଲାରେ ମୂଷଳଧାରା ବର୍ଷା ହେବା ଯୋଗୁ ବନ୍ୟା ଓ ଭୂସ୍ଖଳନ ଘଟିଛି । ଭୂସ୍ଖଳନ ଯୋଗୁ ଅନେକ ଗାଁ ମାଟି ଓ କାଦୁଅ ଭିତରେ ପୋତି ହୋଇଯାଇଛି । ଅନେକ ଅଞ୍ଚଳରେ ଉଦ୍ଧାରକାରୀ ଦଳ ପହଞ୍ଚି ପାରିନାହାନ୍ତି । ତେଣୁ ପ୍ରକୃତ କ୍ଷୟକ୍ଷତି ସମ୍ପର୍କରେ କିଛି ସ୍ପଷ୍ଟ ଚିତ୍ର ମିଳିନାହିଁ । ସରକାର ପରିସ୍ଥିତିକୁ ଦୃଷ୍ଟିରେ ରଖି ୩ ଦିନି ପାଇଁ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି। ସ୍ଥାନୀୟ ପାଣିପାଗ ବିଭାଗର କହିବାନୁସାରେ, ବର୍ତ୍ତମାନ ଦେଶରେ ବର୍ଷା ହେଉଛି । ଆଗାମୀ ଦୁଇ ତିନି ଦିନ ଯାଏଁ ଏପରି ଅବସ୍ଥା ରହିବ । ବର୍ଷା ପାଇଁ ପାହାଡିଆ ଜାଗାରେ ମାଟି ଅତଡା ଖସିଛି । ଭୂସ୍ଖଳନ ହୋଇଛି । ଏହାସହ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ପଦ୍ମ ପୁରସ୍କାର -୨୦୨୭ ପାଇଁ ନାମାଙ୍କନ ଆରମ୍ଭ

ନୂଆଦିଲ୍ଲୀ, ୧୫।୩(ପିଆଇବି): ଗଣତନ୍ତ୍ର ଦିବସ ୨୦୨୭ ଅବସରରେ ଘୋଷଣା ହେବାକୁ ଥିବା ପଦ୍ମ ପୁରସ୍କାର-୨୦୨୭ ପାଇଁ ନାମାଙ୍କନ/ସୁପାରିଶ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ଏହି ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ୩୧ ଜୁଲାଇ ୨୦୨୬ ରହିଛି। ପଦ୍ମ ପୁରସ୍କାର ପାଇଁ ସମସ୍ତ ନାମାଙ୍କନ ଓ ସୁପାରିଶ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ ମାଧ୍ୟମରେ ଅନଲାଇନରେ ଗ୍ରହଣ କରାଯିବ। ପଦ୍ମ ପୁରସ୍କାର ଯଥା ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ, ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ମଧ୍ୟରେ ଅନ୍ତର୍ଭୁକ୍ତ। ୧୯୫୪ ମସିହାରେ ପ୍ରତିଷ୍ଠିତ ଏହି ପୁରସ୍କାରଗୁଡ଼ିକ ପ୍ରତିବର୍ଷ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଏ। ଏହି ପୁରସ୍କାର 'ବିଶେଷ କାର୍ଯ୍ୟ' କୁ ସ୍ୱୀକୃତି ଦେବା ପାଇଁ ଉଦ୍ଦିଷ୍ଟ ଏବଂ କଳା, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା, ଔଷଧ, ସମାଜସେବା, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ସାର୍ବଜନୀନ ବ୍ୟାପାର, ନାଗରିକ ସେବା, ବାଣିଜ୍ୟ ଏବଂ ଶିଳ୍ପ ଇତ୍ୟାଦି ସମସ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଅସାଧାରଣ ସଫଳତା/ସେବା ପାଇଁ ପ୍ରଦାନ କରାଯାଏ। ଜାତି, ବୃତ୍ତି, ପଦବୀ କିମ୍ବା ଲିଙ୍ଗ ନିର୍ବିଶେଷରେ ସମସ୍ତ ବ୍ୟକ୍ତି ଏହି ପୁରସ୍କାର ପାଇଁ ଯୋଗ୍ୟ ହୋଇଥାନ୍ତି। ଡାକ୍ତର ଏବଂ ବୈଜ୍ଞାନିକମାନଙ୍କୁ ଛାଡି ପିଏସୟୁରେ କାମ କରୁଥିବା କର୍ମଚାରୀଙ୍କ ସମେତ ସମସ୍ତ ସରକାରୀ କର୍ମଚାରୀ ପଦ୍ମ ପୁରସ୍କାର ପାଇଁ ଯୋଗ୍ୟ ହୋଇନଥାନ୍ତି।

### ଇରାନ ଉପରେ ଘାତକ ଆକ୍ରମଣ କଲା ଇସ୍ରାଏଲ

## ତେହେରାନର ମହାକାଶ ଗବେଷଣା କେନ୍ଦ୍ର-ବାୟୁ ପ୍ରତିରକ୍ଷା କାରଖାନା ଧ୍ୱଂସ

ନୂଆଦିଲ୍ଲୀ, ୧୫।୩: ଇସ୍ରାଏଲୀ ସେନା (ଆଇଡିଏଫ୍) ତେହେରାନରେ ବଡ଼ ଧରଣର ଏୟାର୍ ଷ୍ଟ୍ରାଇକ୍ କରି ଇରାନର ଗୁରୁତ୍ୱପୂର୍ଣ୍ଣ ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିଛି। ଏହି ଆକ୍ରମଣରେ ଇରାନର ମୁଖ୍ୟ ମହାକାଶ ଗବେଷଣା କେନ୍ଦ୍ର ଏବଂ ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ କରୁଥିବା ଏକ ବଡ଼ କାରଖାନା ସମ୍ପୂର୍ଣ୍ଣ ଧ୍ୱଂସ ପାଇଛି। ଇସ୍ରାଏଲ ଦାବି କରିଛି, ଏହି ସ୍ଥାନଗୁଡ଼ିକରେ ନିରୀକ୍ଷଣ ଏବଂ ଆକ୍ରମଣ ପାଇଁ ସାମରିକ ଉପଗ୍ରହର ବ୍ୟବହାର କରାଯାଉଥିଲା । ଇସ୍ରାଏଲୀ ବାୟୁସେନା ଅନୁଯାୟୀ, ଆକ୍ରମଣର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ସାମରିକ ଉପଗ୍ରହ ଉତ୍ପାଦନ କରୁଥିବା ରଣନୈତିକ ପ୍ରୟୋଗଶାଳାଗୁଡ଼ିକୁ ଧ୍ୱଂସ କରିବା। ଏହି ଉପଗ୍ରହଗୁଡ଼ିକୁ ମଧ୍ୟପ୍ରାଚ୍ୟରେ ଇସ୍ରାଏଲୀ ସମ୍ପତ୍ତି ଉପରେ ନଜର ରଖିବା ଏବଂ ସଠିକ ଆକ୍ରମଣ ପାଇଁ ମାର୍ଗଦର୍ଶନ କରିବା ଲାଗି ବ୍ୟବହାର କରାଯାଉଥିଲା। ଏହି ଆକ୍ରମଣ ଇରାନର ମହାକାଶ ଗବେଷଣା ଏବଂ ଗୁପ୍ତଚର କ୍ଷମତାକୁ ପଙ୍ଗୁ କରିଦେଇଛି ବୋଲି ଇସ୍ରାଏଲ କହିଛି। ମହାକାଶ କେନ୍ଦ୍ର




ବ୍ୟତୀତ, ଇସ୍ରାଏଲ ଇରାନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଉତ୍ପାଦନ କରୁଥିବା ଏକ ପ୍ରମୁଖ କାରଖାନାକୁ ମଧ ଧ୍ୱଂସ କରିଦେଇଛି। ଏହି ଆକ୍ରମଣ ଇରାନର ପ୍ରତିରକ୍ଷା ପୁନଃନିର୍ମାଣ ଏବଂ ସୁଦୃଢ଼ କରିବାର କ୍ଷମତାକୁ ଯଥେଷ୍ଟ ଦୁର୍ବଳ କରିଦେଇଛି ବୋଲି ଆଇଡିଏଫ୍ କହିଛି। ଇରାନର ମୁଖ୍ୟ ଉତ୍ପାଦନ ସୁବିଧା ବନ୍ଦ ହୋଇଯିବାରୁ ଇରାନ ପାଇଁ ଏବେ ବାୟୁ ଆକ୍ରମଣର ମୁକାବିଲା କରିବା ପୂର୍ବ ଅପେକ୍ଷା ବେଶ୍ କଷ୍ଟକର ହେବ ।

## ମୋଜତାବା ତେହେରାନ ଛାଡି ରୁଷରେ !

ନୂଆଦିଲ୍ଲୀ, ୧୫।୩: ଏପର୍ଯ୍ୟନ୍ତ, ଇରାନ-ଆମେରିକା ଯୁଦ୍ଧରେ ରୁଷର ଭୂମିକା କେବଳ ଗୁପ୍ତଚର ଏବଂ ନୈତିକ ସମର୍ଥନ ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ । ଏବେ, ଏପରି ଖବର ସାମ୍ନାକୁ ଆସୁଛି ଯେ, ଯଦି ଏହା ସତ୍ୟ ହୁଏ, ତେବେ ଯୁଦ୍ଧରେ ଏକ ମୋଡ଼ ଆସିପାରେ। ଡୋନାଲ୍ଡ ଟ୍ରମ୍ପ ଓ ବେଞ୍ଜାମିନ୍ ନେତାନ୍ୟାହୁ ମୋଜତାବା ଖେମିନିଙ୍କ ପଛରେ ପଡ଼ିଛନ୍ତି । ସେ ଆହତ ହୋଇଥିବା ରିପୋର୍ଟ ମଧ ପ୍ରକାଶ ପାଇଥିଲା, କିନ୍ତୁ ଇରାନ ସେସବୁକୁ ଅସ୍ୱୀକାର କରିଥିଲା। କୁଏତ ଖବରକାଗଜ ଅଲ୍ ଜାରିଦା ଏବେ ଦାବି କରିଛି ଯେ, ମୋଜତାବା ତାଙ୍କ ଦେଶରେ ନାହାନ୍ତି । ଅଲ୍-ଜାରିଦା ଅନୁଯାୟୀ, ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବାଙ୍କୁ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା କାରଣରୁ ଏକ ଅତ୍ୟନ୍ତ ଗୁପ୍ତ ଅଭିଯାନରେ ରୁଷ ନିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ ତାଙ୍କୁ ଏକ ରୁଷ ସାମରିକ ବିମାନରେ ମସ୍କୋ ନିଆଯାଇଥିଲା, ଯେଉଁଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଏବଂ ବର୍ତ୍ତମାନ ସେ ଚିକିତ୍ସିତ ହେଉଛନ୍ତି।

## ନେତାନ୍ୟାହୁଙ୍କ ମୃତ୍ୟୁ ଗୁଜବକୁ ଖଣ୍ଡନ

ତେଲ୍ ଅଭିଭ, ୧୫।୩: ଇସ୍ରାଏଲ, ଆମେରିକା ଓ ଇରାନ ମଧ୍ୟରେ ବଢୁଥିବା ବିବାଦ ମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଖବରକୁ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଶନିବାର ଖାରଜ କରିଛି। ତୁର୍କୀର ଆନାଡୋଲୁ ଏଜେନ୍ସିର ଏକ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ଦାବିକୁ ଖଣ୍ଡନ କରିଛି। ଏଗୁଡ଼ିକ ମିଥ୍ୟା ଖବର; ପ୍ରଧାନମନ୍ତ୍ରୀ ଭଲ ଅଛନ୍ତି ବୋଲି କାର୍ଯ୍ୟାଳୟ କହିଛି। ଶୁକ୍ରବାର ନେତାନ୍ୟାହୁ ତାଙ୍କ ଏକ୍ସ ଆକାଉଣ୍ଟରେ ସେୟାର କରିଥିବା ଏକ ଭିଡିଓରେ ସେ ଚାଲିଥିବା ଇସ୍ରାଏଲ-ଆମେରିକା-ଇରାନ ବିବାଦ ଉପରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରୁଥିବା ଦେଖାଯିବା ପରେ ଏହି ଗୁଜବ ପ୍ରଚାରିତ ହୋଇଥିଲା।

### ଇସ୍ରାଏଲ ପାଇଁ ଗୁପ୍ତଚରୀ ଅଭିଯୋଗ

## ୨୦ ଜଣଙ୍କୁ ଗିରଫ କଲା ଇରାନ

ନୂଆଦିଲ୍ଲୀ, ୧୫।୩: ଇସ୍ରାଏଲ ପାଇଁ ଗୁପ୍ତଚରୀ କରୁଥିବା ଅଭିଯୋଗରେ ଇରାନ ଦେଶର ଉତ୍ତର-ପଶ୍ଚିମ ଅଞ୍ଚଳରେ ୨୦ ଜଣଙ୍କୁ ଗିରଫ କରିଛି। ପଶ୍ଚିମ ଆଜରବୈଜାନ ପ୍ରଦେଶର ପବ୍ଲିକ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ସୂଚନା ପ୍ରଦାନ କରାଯାଇଛି। ରିପୋର୍ଟ ଅନୁଯାୟୀ, ସନ୍ଦିଗ୍ଧ ବ୍ୟକ୍ତିମାନେ ଇରାନର ସାମରିକ ଏବଂ ସୁରକ୍ଷା ସମ୍ପତ୍ତିର ସ୍ଥାନର ସ୍ଥିତି ସମ୍ପର୍କିତ ବିବରଣୀ ଇସ୍ରାଏଲକୁ ପଠାଇଥିବା ଅଭିଯୋଗ ହୋଇଛି। ଇରାନୀ କର୍ତ୍ତୃପକ୍ଷ କହିଛନ୍ତି, ଏହି ଗୋଷ୍ଠୀ ଇସ୍ରାଏଲୀ ସେନାକୁ ସମ୍ବେଦନଶୀଳ ସୂଚନା ପ୍ରଦାନ କରିବାକୁ ଚେଷ୍ଟା କରିଥିଲା। ଇସ୍ରାଏଲ ଇରାନ ଉପରେ ଆକ୍ରମଣର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରିଥିବା ସମୟରେ ଏହି ଗିରଫଦାରୀ ହୋଇଛି। ଜଣେ ଆମେରିକୀୟ ଅଧିକାରୀ ଏବଂ ଜଣେ ଇସ୍ରାଏଲୀ ଅଧିକାରୀ ଟାଇମ୍ସ ଅଫ୍ ଇସ୍ରାଏଲକୁ କହିଛନ୍ତି ଯେ ଇରାନ ସାରା ଚାଲିଥିବା ବିମାନ ଆକ୍ରମଣ ଶାସକ ବାହିନୀର ସଦସ୍ୟମାନଙ୍କୁ ଟାର୍ଗେଟ କରୁଛି। ସେମାନେ ଚଳିତ ବର୍ଷ ଆରମ୍ଭରେ ସରକାର ବିରୋଧୀ ପ୍ରଦର୍ଶନକାରୀଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିଥିଲେ।

## ପୁରୋହିତ, ମୁଅଜିନଙ୍କ ଭତ୍ତା ୫୦୦ ଟଙ୍କା ବୃଦ୍ଧି କଲେ ମମତା

କୋଲକାତା, ୧୫।୩: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରବିବାର ରାଜ୍ୟର ପୁରୋହିତ ଓ ମୁଅଜିନ (ଅଜାନ ଦେବା ବ୍ୟକ୍ତି)ଙ୍କ ମାସିକ ସମ୍ମାନ ରାଶିରେ ବୃଦ୍ଧି ଘୋଷଣା କରିଛନ୍ତି। ରାଜ୍ୟରେ ପୂଜାରୀ ଓ ମୁଅଜିନଙ୍କୁ ଦିଆଯାଉଥିବା ଭତ୍ତାରେ ୫୦୦ ଟଙ୍କା ବୃଦ୍ଧି କରିଛନ୍ତି ମମତା। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ମମତା ଏହି ଘୋଷଣା କରିଛନ୍ତି। ମମତା ତାଙ୍କ ସାମାଜିକ ଗଣମାଧ୍ୟମ 'ଏକ୍ସ' ହାଣ୍ଡେଲରେ ଘୋଷଣା କରିଛନ୍ତି ଯେ, ଆମ ଆଧ୍ୟାତ୍ମିକ ଏବଂ ସାମାଜିକ ଜୀବନକୁ ବଜାୟ ରଖୁଥିବା ଆମର ପୁରୋହିତ ଏବଂ ମୁଅଜିନମାନଙ୍କୁ ପ୍ରଦାନ କରାଯାଇଥିବା ମାସିକ ସମ୍ମାନରେ ୫୦୦ ଟଙ୍କା ବୃଦ୍ଧି ଘୋଷଣା କରି ମୁଁ ଖୁସି ଅନୁଭବ କରୁଛି।

## ବିଜୟଙ୍କୁ ୮୦ ସିଟ୍ ସହ ଡେପୁଟୀ ସିଏମ ଅଫର



ନୂଆଦିଲ୍ଲୀ, ୧୫।୩: ତାମିଲନାଡୁ ରାଜନୀତିରେ ସିନେମା ଓ ନେତାଙ୍କ ମଧ୍ୟରେ ଗଭୀର ସମ୍ପର୍କ ରହି ଆସିଛି । ଏବେ ଏହି ଅଧ୍ୟାୟରେ ଆଉ ଏକ ନୂଆ ଅଧ୍ୟାୟ ଯୋଡି ହେବାକୁ ଯାଉଛି । ବିଜେପି ରାଜ୍ୟର କ୍ଷମତାରେ ନିଜର ସ୍ଥିତି ମଜବୁତ କରିବା ପାଇଁ ଅଭିନେତାରୁ ନେତା ହୋଇଥିବା ବିଜୟଙ୍କ ପାର୍ଟି ଟିଭିକେକୁ ମେଣ୍ଟର ଖୁଲା ଅଫର ଦେଇଛନ୍ତି । ସୂତ୍ର ମୁତାବକ ବିଜେପି ବିଜୟଙ୍କ ଆଗରେ ଉପମୁଖ୍ୟମନ୍ତ୍ରୀ ପଦର ପ୍ରସ୍ତାବ ରଖିଛି। ଇଣ୍ଡିଆ ଟୁଡେ ନିଜର ଏକ ରିପୋର୍ଟରେ କହିଛି ଯେ, ପାର୍ଟି ମେଣ୍ଟ ଆଧାରରେ ଟିଭିକେକୁ ୮୦ ସିଟ୍ ଦେବାକୁ ପ୍ରସ୍ତାବ ଦେଇଛି । ବିଜେପି ପାର୍ଟି ହାଇକମାଣ୍ଡଙ୍କ ମତରେ ଯଦି ବିଜୟଙ୍କ ପ୍ରଶଂସକଙ୍କ ଭୋଟ୍ ଏନଡିଏ ସହିତ ଯୋଡି ହୋଇଯାଏ ତେବେ ରାଜ୍ୟର ନିର୍ବାଚନ ଫଳାଫଳ ସଂପୂର୍ଣ୍ଣ ଭାବେ ବଦଳିପାରେ। ବିଜେପି ରଣନୀତିକାରଙ୍କ ଆକଳନ ଏହା ଯେ, ତାମିଲନାଡୁରେ କଡା ମୁକାବିଲାରେ ମାତ୍ର ୨ ପ୍ରତିଶତ ଭୋଟ୍ ବ୍ୟବଧାନ ଜୟ ଓ ପରାଜୟର ଦିଗ ବଦଳାଇପାରେ। ବିଜୟଙ୍କ ଅଭୁତପୂର୍ବ ଲୋକପ୍ରିୟତାକୁ ଦେଖି ବିଜେପି ତାଙ୍କୁ ନିଜ ସପକ୍ଷରେ ଟାଣିବା ପାଇଁ ବଡ ଗୋଟି ଚାଳନା କରିଛି। କୁହାଯାଉଛି ଏହି ମେଣ୍ଟ ପାଇଁ ଅନ୍ୟ ଏକ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ମଧ୍ୟସ୍ଥତା ଭୂମିକା ନିର୍ବାହ କରୁଛନ୍ତି, ଯଦ୍ୱାରା ବିଜୟଙ୍କ ସହିତ ଆଲୋଚନାର ଦ୍ୱାର ଖୋଲିବ । ହୋଇପାରେ ବିଜେପି ଉପମୁଖ୍ୟମନ୍ତ୍ରୀ ପଦ ଓ ୮୦ ସିଟର ଅଫର ଦେଇଛି, ମାତ୍ର ଅଭିନେତା ବିଜୟଙ୍କ ନଜର ମୁଖ୍ୟମନ୍ତ୍ରୀ ପଦ ଉପରେ ରହିଛି । ରାଜନୈତିକ ସମୀକ୍ଷକଙ୍କ ମତରେ ବିଜୟ ନିଜର ପ୍ରଥମ ନିର୍ବାଚନୀ ଇନିଂସରେ ମୁଖ୍ୟ ଭୂମିକା ନିଭାଇବାକୁ ଚାହାନ୍ତି ।

## ଉରିରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ: ଜଣେ ଆତଙ୍କୀ ନିହତ

ଶ୍ରୀନଗର, ୧୫।୩: ଉତ୍ତର କାଶ୍ମୀରର ଉରି ସେକ୍ଟରରେ ଥିବା ନିୟନ୍ତ୍ରଣ ରେଖା ନିକଟରେ ଏକ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବାହିନୀ ପଣ୍ଡ କରିଦେଇଛନ୍ତି। ଭାରତୀୟ ସେନାର କହିବା ଅନୁସାରେ, ଜମ୍ମୁ-କାଶ୍ମୀର ପୁଲିସ (ଜେକେପି)ଠାରୁ ସମ୍ଭାବ୍ୟ ଅନୁପ୍ରବେଶ ଉଦ୍ୟମ ବିଷୟରେ ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ମିଳିବା ପରେ ବାରମୁଲା ଜିଲ୍ଲାର ଉରି ସେକ୍ଟରର ବୁଚର ଅଞ୍ଚଳରେ ଏହି ଅପରେସନ ଆରମ୍ଭ କରାଯାଇଥିଲା। ଜେକେପି ଦେଇଥିବା ଏକ ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ମାର୍ଚ୍ଚ ୧୪-୧୫ ମଧ୍ୟରାତ୍ରିରେ ବୁଚରରେ ମିଳିତ ଅଭିଯାନ ଆରମ୍ଭ କରାଯାଇଥିଲା। ସୈନିକମାନେ ଘଞ୍ଚ ବୃକ୍ଷଲତା ମଧ୍ୟରେ ଲୁଚି ରହିଥିବା ଜଣେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ସନ୍ଦେହଜନକ ଗତିବିଧି ଦେଖି ଗୁଳି ଚଳାଇଥିଲେ।

## ଦିଲ୍ଲୀ ନେଚର ବଜାରରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ, ୧୫।୩: ଦିଲ୍ଲୀର ନେଚର ବଜାରରେ ରବିବାର ସକାଳେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ୫୦ରୁ ଅଧିକ ହସ୍ତଶିଳ୍ପ ଦୋକାନ ଜଳିଯାଇଛି । ସୌଭାଗ୍ୟବଶତଃ, ଏହି ଘଟଣାରେ କେହି ମୃତାହତ ହୋଇ ନାହାନ୍ତି । ଏହା ଦୋକାନ କରିଥିବା କାରିଗରଙ୍କ ଜୀବିକା ଉପରେ ବଡ଼ ଆଘାତ ସୃଷ୍ଟି କରିଛି ।

## ଏମ୍ସରେ ଆରମ୍ଭ ହେଲା ହରିଶ ରାଣାଙ୍କ ଅନ୍ତିମ ବିଦାୟ ପ୍ରକ୍ରିୟା



ନୂଆଦିଲ୍ଲୀ, ୧୫।୩: ସୁପ୍ରିମକୋର୍ଟଙ୍କ ମଞ୍ଜୁରୀ ପରେ ପରେ, ହରିଶଙ୍କୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପାଇଁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଭାରତରେ କୋର୍ଟଙ୍କ ଅନୁମତି ସହିତ ଏହା ଇଚ୍ଛାମୃତ୍ୟୁର ପ୍ରଥମ ମାମଲା ବୋଲି ବିଶ୍ୱାସ କରାଯାଉଛି। ପ୍ରାୟ ୧୩ ବର୍ଷ ଧରି ଭେଜିଟେଟିଭ ଷ୍ଟେଟରେ ଜୀବନ ବିତାଉଥିବା ବା ହରିଶଙ୍କ ମାମଲାରେ ଏବେ ଡାକ୍ତରଙ୍କ ତଦାରଖରେ ଧୀରେ ଧୀରେ ଲାଇଫ୍ ସପୋର୍ଟ ସିଷ୍ଟମ ପ୍ରତ୍ୟାହାର କରାଯିବ। ୩୨ ବର୍ଷୀୟ ହରିଶ ରାଣାଙ୍କୁ ଦିଲ୍ଲୀର ଏମ୍ସରେ ସିଫ୍ଟ କରାଯାଇଛି। ଯେଉଁଠି ଡାକ୍ତର ତାଙ୍କ ଦୁଃଖକୁ ସମ୍ମାନଜନକ ପଦ୍ଧତିରେ ଶେଷ କରିବା ପାଇଁ ତାଙ୍କର ଲାଇଫ୍ ସପୋର୍ଟ ହଟାଇ ଦେବେ। ରାଣାଙ୍କ ପରିବାର, ଯିଏକି ଗାଜିଆବାଦର ରାଜନଗର ଏକ୍ସଟେନସନରେ ଥିବା ଏମ୍ପାୟାର ସୋସାଇଟିର ୧୩ ମହଲା ଫ୍ଲାଟରେ ରହୁଛନ୍ତି। ତାଙ୍କ ପୁଅକୁ ସେ ଦେବାକୁ ଯାଉଥିବା ଯନ୍ତ୍ରଣାଦାୟକ ବିଦାୟ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ତାଙ୍କ ବାପା ଅଶୋକ ରାଣା ଡାକ୍ତରୀ ଦଳ ସହିତ ଯାଇଥିଲେ, ପରିବାର ପାଇଁ ଏହି ନିଷ୍ପତ୍ତି ଖୁବ୍ ଯନ୍ତ୍ରଣାଦାୟକ ଥିଲା।

### ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ୍ ଦେଲା ଇରାନ୍

## ଆମେ ରକ୍ତ ଦେବାକୁ ପ୍ରସ୍ତୁତ, କିନ୍ତୁ ମାଟି ନୁହେଁ

ନୂଆଦିଲ୍ଲୀ, ୧୫ /୩: ମଧ୍ୟପ୍ରାଚ୍ୟରେ ଥମୁନି ଆତଙ୍କ । ଘନ ଘନ ମିସାଇଲ୍ ଏବଂ ଡ୍ରୋନ୍ ଆଟାକ୍ । ଇରାନର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ । ତେହେରାନ ମଧ ପଡୋଶୀ ଦେଶରେ ଥିବା ୟୁଏସ ସୈନ୍ୟ କ୍ୟାମ୍ପକୁ କରୁଛି ଟାର୍ଗେଟ୍ । ଆମେରିକାଠୁ ଅପେକ୍ଷାକୃତ ଦୁର୍ବଳ ଦେଶ ହେଲେ ବି ପଛକୁ ହଟୁନି ଇରାନ ।ଦିନକୁ ଦିନ ବଢୁଛି ଯୁଦ୍ଧ । ଏସବୁ ଭିତରେ ଆମେରିକା ସହ କୌଣସି ପ୍ରକାର ଆଲୋଚନା ପାଇଁ ଇରାନ ପ୍ରସ୍ତୁତ ନାହିଁ । ବର୍ତ୍ତମାନ ସ୍ଥିତିରେ ଆଲୋଚନା ହେବ ନାହିଁ । ଯଦି ଏମିତି ସ୍ଥିତି ଲାଗି ରହେ ତାହାଲେ ଇରାନ ଦୀର୍ଘଦିନ ଧରି ଯୁଦ୍ଧ ଲଢିବାକୁ ପ୍ରସ୍ତୁତ ଥିବା କହିଛନ୍ତି ଭାରତରେ ଥିବା ଇରାନ ସର୍ବୋଚ୍ଚ ନେତାଙ୍କ ପ୍ରତିନିଧି ଅବ୍ଦୁଲ ମଜିଦ୍ ହକିମ୍ ଇଲାମି ।ମଜିଦ୍ କହିଛନ୍ତି ଯେ, ଆଜି ଇରାନର ରାସ୍ତାରେ ଲୋକେ ପ୍ରତିବାଦ କରୁଛନ୍ତି । ସେମାନେ ନିଜ ଦେଶର ସୁରକ୍ଷା ପାଇଁ ବଳିଦାନ ଦେବାକୁ ପ୍ରସ୍ତୁତ ଅଛନ୍ତି । ସେମାନେ ରକ୍ତ ଦେବାକୁ ରାଜି ଅଛନ୍ତି । ହେଲେ ଇରାନର ଗୋଟିଏ ଇଞ୍ଚ୍ ମାଟି ମଧ ବାହାର କେଉଁ ଦେଶକୁ ପ୍ରଦାନ କରିବେ ନାହିଁ ।ମଜିଦଙ୍କ କହିବାନୁସାରେ, ଯୁଦ୍ଧ କେତେ ଦିନ ଚାଲିବ ତାହା କହିହେବ ନାହିଁ । କିନ୍ତୁ ଶେଷ ଯାଏଁ ସେମାନେ ଲଢିବେ । ଅନେକ ବର୍ଷ ଧରି ଯୁଦ୍ଧ ଚାଲିଲେ ବି ସେମାନେ ଲଢିବେ । ଇରାନ ପାଖରେ ପୂର୍ବରୁ ଅଭିଜ୍ଞତା ରହିଛି । ଇରାନ ଏବଂ ଇରାକ ମଧ୍ୟରେ୮ ବର୍ଷ ଧରି ଯୁଦ୍ଧ ଚାଲିଥିଲା ।ସେ ଆହୁରି କହିଛନ୍ତି ଯେ, ଟ୍ରମ୍ପ୍ ଇରାନ ଆଲୋଚନା କରିବାକୁ ରାଜି ଥିବା ପୂର୍ବରୁ କହିଥିଲେ । କିନ୍ତୁ ସେମାନେ ଆମେରିକାର କୌଣସି ସର୍ତ୍ତ ମାନିବେ ନାହିଁ । କାରଣ ଆମେରିକାର କାର୍ଯ୍ୟାନୁଷ୍ଠାନ ପରେ ଯୁଦ୍ଧ ଆରମ୍ଭ ହୋଇଛି । ଅତୀତରେ ଦୁଇ ଥର ଏପରି ସ୍ଥିତି ଉପୁଜିଛି । ଆଲୋଚନା ବେଳେ ଆମେରିକା ଆକ୍ରମଣ କରିଛି । ଇରାନ କାହାରି ଚାପର ବଶବର୍ତ୍ତୀ ହେବ ନାହିଁ ବୋଲି ସେ କହିଛନ୍ତି ।

## ନିରାକାରପୁର କଲେଜ ପଡ଼ିଆ
# ସାମରିକ ବିଭାଗକୁ ଯିବା ପାଇଁ 'ସଫଳତାର ପାହାଚ'

ନିରାକାରପୁର(ନିପ୍ର): କୁହାଯାଏ, ଯଦି ସ୍ୱପ୍ନ ଦେଖିବାର ସାହସ ଅଛି, ତେବେ ପରିଶ୍ରମ କରିବାର ଶକ୍ତି ମଧ୍ୟ ରହିବା ଦରକାର । ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଶତାଧିକ ଯୁବକଯୁବତୀଙ୍କ ପାଇଁ ଏହି ଉକ୍ତିଟି ବେଶ୍ ପ୍ରାସଙ୍ଗିକ । ସ୍ଥାନୀୟ କଲେଜ ପଡ଼ିଆ ଆଜି କେବଳ ଏକ ଖେଳ ପଡ଼ିଆ ହୋଇ ରହିନାହିଁ, ବରଂ ଏହା ସାମରିକ ଓ ପୋଲିସ ବିଭାଗରେ ଚାକିରି ପାଇବା ପାଇଁ ଏକ 'ତାଲିମ କେନ୍ଦ୍ର' ପାଲଟିଛି । ପ୍ରତିଦିନ ସକାଳ ହେବା ମାତ୍ରେ ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳରୁ ଯୁବକଯୁବତୀମାନେ ଏହି ପଡ଼ିଆରେ ଏକତ୍ରିତ ହୁଅନ୍ତି । ଦେଶ ମାତୃକାର ସେବା କରିବା ପାଇଁ ମନରେ ଇଚ୍ଛା ରଖି ସେମାନେ ଏଠାରେ ଦୌଡ଼, ଉଚ୍ଚ ଡିଆଁ ଓ ଲମ୍ବ ଡିଆଁ, ରୋପିଂ ଓ ବିଭିନ୍ନ ବ୍ୟାୟାମ ଆଦି କଠିନ ଅଭ୍ୟାସ କରନ୍ତି । ଏହି ପଡ଼ିଆର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଯେଉଁମାନେ ଏଠାରୁ ଅଭ୍ୟାସ କରି ସେନାରେ କାର୍ଯ୍ୟରତ ଅଛନ୍ତି, ସେମାନେ ଯେତେବେଳେ ଛୁଟିରେ ଘରକୁ ଆସନ୍ତି, ସେମାନେ ନିଜ ସମୟକୁ ନଷ୍ଟ ନକରି ପଡ଼ିଆକୁ ଆସି ନୂଆ ପିଢ଼ିର ଯୁବକଯୁବତୀଙ୍କୁ ମାଗଣାରେ ପ୍ରଶିକ୍ଷଣ ଦିଅନ୍ତି । ୧୦ରୁ ୧୫ କିଲୋମିଟର ଦୂରରୁ ଆଶାୟୀମାନେ ଆସି ଏଠାରେ ଟିପ୍ସ ଗ୍ରହଣ କରନ୍ତି । 'ସଫଳତାର ଏହି କ୍ଷେତ୍ର' ଅନେକଙ୍କୁ ରୋଜଗାର ଓ ସମ୍ମାନ ଦେଇଥିବା ଏହି ପଡ଼ିଆ କିନ୍ତୁ ଆଜି ବିକାଶ ଅପେକ୍ଷାରେ । ସ୍ଥାନୀୟ ବାସିନ୍ଦା ଓ ଖେଳାଳିଙ୍କ କହିବା ଅନୁଯାୟୀ ପଡ଼ିଆର ଉନ୍ନତିକରଣ ପାଇଁ କୌଣସି ରାଜନୈତିକ ବା ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଉ ନାହିଁ । ବର୍ଷା ଦିନେ କିମ୍ବା ସାଧାରଣ ସମୟରେ ପଡ଼ିଆର ରକ୍ଷଣାବେକ୍ଷଣ ଅଭାବରୁ ଅଭ୍ୟାସରେ ବାଧା ସୃଷ୍ଟି ହେଉଛି । ସରକାର ଯଦି ଏହି ପଡ଼ିଆ ପ୍ରତି ଦୃଷ୍ଟି ଦିଅନ୍ତେ ଏବଂ ଏଠାରେ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦିଅନ୍ତେ, ତେବେ ଆଗାମୀ ଦିନରେ ନିରାକାରପୁର ଅଞ୍ଚଳରୁ ଆହୁରି ଅଧିକ ସଂଖ୍ୟକ ଯୁବକ ଯୁବତୀ ଦେଶର ସୁରକ୍ଷା ବାହିନୀରେ ସାମିଲ ହୋଇ ଓଡ଼ିଶାର ଗୌରବ ବଢ଼ାଇ ପାରନ୍ତେ ।

# ବେଲଗୁଣ୍ଠାରେ ଗ୍ୟାସ ବିତରଣରେ ବ୍ୟାପକ ଅନିୟମିତତା ଓ କଳାବଜାରୀ ଅଭିଯୋଗ: ଉତ୍ତେଜନା ପରେ ପୋଲିସ ମୁତୟନ

ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ସହରର କେଏସୟୁବି ଇଣ୍ଡେନ୍ ଗ୍ୟାସ ବିତରଣ କେନ୍ଦ୍ରରେ ରବିବାର ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି । ଯେଉଁଠାରେ ଗ୍ୟାସ ବିତରଣରେ ବ୍ୟାପକ ଅନିୟମିତତା ଅଭିଯୋଗ ଆଣି ଗ୍ରାହକମାନେ ପ୍ରବଳ ପାଟିତୁଣ୍ଡ କରିଛନ୍ତି । ବିଶେଷକରି ବର୍ତ୍ତମାନର ଅନିଶ୍ଚିତତା କିମ୍ବା ଯୁଦ୍ଧକାଳୀନ ପରିସ୍ଥିତିକୁ ନେଇ ପେଟ୍ରୋଲିୟମ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି କିମ୍ବା ବଜାରରେ ସତରେ ଅଭାବ ରହିଛି, ସେ ନେଇ ଗ୍ରାହକଙ୍କ ମଧ୍ୟରେ ଏକ ପ୍ରକାର ଭୟ ଓ ଆତଙ୍କ ଖେଳିଯାଇଛି । ଗ୍ୟାସ୍ ଏକ ଅତ୍ୟାବଶ୍ୟକ ଦୈନନ୍ଦିନ ସାମଗ୍ରୀ ହୋଇଥିବା ବେଳେ ଏହାର ସଠିକ୍ ପରିଚାଳନା ନହେବା ସାଧାରଣ ଜନଜୀବନକୁ ବ୍ୟତିବ୍ୟସ୍ତ କରି ପକାଇଛି । ଗତ କିଛି ଦିନ ହେବ ଅନଲାଇନ୍ ଗ୍ୟାସ୍ ବୁକିଂ ବାଧାପ୍ରାପ୍ତ ହୋଇଥିବାରୁ ଶହ ଶହ ଗ୍ରାହକ ବାଧ୍ୟ ହୋଇ ବିତରଣ କେନ୍ଦ୍ରକୁ ଧାଇଁଥିଲେ । ମାତ୍ର ସେଠାରେ ପହଞ୍ଚିବା ପରେ



ସେମାନେ ଦେଖିବାକୁ ପାଇଥିଲେ ଯେ, ବହୁ ପୂର୍ବରୁ ଅନ୍ୟ ଗ୍ରାହକଙ୍କ ନାମରେ ବୁକିଂ ହୋଇ ସିଲିଣ୍ଡରଗୁଡ଼ିକ ଡେଲିଭରି କରାଯାଇସାରିଛି । ଗ୍ରାହକଙ୍କ ଅଜାଣତରେ ସେମାନଙ୍କ ନାମରେ ବୁକିଂ ଦେଖାଇ ଗ୍ୟାସକୁ କଳାବଜାରୀ କରାଯାଉଥିବା ନେଇ ସନ୍ଦେହ ଘନୀଭୂତ ହେବା ପରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା । ଏହି ସମୟରେ ବିତରକ ସଂସ୍ଥାର କର୍ମଚାରୀମାନେ ଗ୍ରାହକଙ୍କ ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ଖବରପାଇ ବେଲଗୁଣ୍ଠା ଥାନାଧିକାରୀ ରେବତୀ ଶବର ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ । ସେ ସେଠାକୁ ଦୁଇ ଜଣ କନେଷ୍ଟବଳଙ୍କୁ ମୁତୟନ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ । ପୋଲିସର ହସ୍ତକ୍ଷେପ ଓ ଉପସ୍ଥିତି ପରେ ଧୀରେ ଧୀରେ ଗ୍ୟାସ୍ ବିତରଣ ସ୍ୱାଭାବିକ ହୋଇଥିଲା । ତଥାପି, ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ କମିନାହିଁ । ସେମାନଙ୍କ ଅଗୋଚରରେ ଗ୍ୟାସ ବୁକିଂ କରାଯାଇ ଖୋଲା ବଜାରରେ ଚଢ଼ା ଦରରେ ବିକ୍ରି କରାଯାଉଥିବା ନେଇ ହେଉଥିବା ଅଭିଯୋଗର ଏକ ନିରପେକ୍ଷ ତଦନ୍ତ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

# ଟଙ୍କା, ମୋବାଇଲ ଲୁଟ ଅଭିଯୋଗରେ ଯୁବକ ଗିରଫ



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଧିନସ୍ଥ ଉଲୁଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ଟଙ୍କା ଓ ମୋବାଇଲ ଲୁଟ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ହେଲେ ଉକ୍ତ ଥାନା ଗୋପାଳପାଲି ଗ୍ରାମର ଲିପନ ଭଇଁଷା । ଶିବାନୀ ରଣାଙ୍କ ରିପୋର୍ଟ କ୍ରମେ ପୋଲିସ ମହୁଲପାଲି ଥାନାରେ ଏକ ଚୋରି ମାମଲା ରୁଜୁକରି ରବିବାର ଅଭିଯୁକ୍ତଙ୍କୁ କୁଚିଣ୍ଡା ଏସଡ଼ିଜେଏମ୍ କୋର୍ଟକୁ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ପୋଲିସ ଅଭିଯୁକ୍ତଙ୍କଠାରୁ ୧୨ ଶହ ଟଙ୍କା ଓ ଚୋରି ମୋବାଇଲ ଜବତ କରିଛି । ସୂଚନା ଅନୁଯାୟୀ, ଗତ ଶୁକ୍ରବାର ରାତିରେ ଶିବାନୀ ରଣାଙ୍କ ଘରେ ଅଭିଯୁକ୍ତ ଜଣକ ପଶି ଏକ ମୋବାଇଲ ଫୋନ୍ ଓ ୪୦ ହଜାର ୨ ଶହ ଟଙ୍କା ଲୁଟି ନେଇଥିଲେ । ଏନେଇ ଶିବାନୀ ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦମ୍ପତିଙ୍କୁ ଆକ୍ରମଣ

ପିପିଲି(ନିପ୍ର): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ବାଲିଆ ଗ୍ରାମରେ ଜନୈକ ଦମ୍ପତିଙ୍କୁ ଆକ୍ରମଣ କରଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ବାଲିଆ ଗ୍ରାମର ଜଟାଧାରୀ ବାରିକଙ୍କ ପତ୍ନୀ ଝୁନା ବାରିକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଉମାକାନ୍ତ ବାରିକ, ଚନ୍ଦନ ବାରିକ, ଦେବରାଜ ବାରିକ, ପ୍ରମୋଦ ବାରିକ ପ୍ରମୁଖ ଝୁନାଙ୍କ ସ୍ୱାମୀ ଜଟାଧାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ପ୍ରବଳ ମାଡ ମାରିଥିଲେ । ପାଟି ଶୁଣି ଝୁନା ସ୍ୱାମୀଙ୍କୁ ଉଦ୍ଧାର କରିବା ସମୟରେ ଆସାମୀମାନେ ତାଙ୍କୁ ମଧ୍ୟ ଅସଦାଚରଣ କରି ମାଡ ମାରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ସ୍ନାନ କରୁଥିବା ସମୟରେ ଜଣେ ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନା ଆଇଆଇସି ସସ୍ମିତା ସାହୁ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଛନ୍ତି । ସୂଚନା ମୁତାବକ ଯୁବତୀ ଜଣଙ୍କ ଗାଁ ଦାଣ୍ଡରେ ଥିବା ନଳକୂପରେ ସ୍ନାନ ହେଉଥିବା ବେଳେ ଏହି ଥାନା ଅନ୍ତର୍ଗତ ବନ୍ଧପଡ଼ା ଗ୍ରାମର ଆଲୋକ ସ୍ୱାଇଁ ନାମକ ଜଣେ ଯୁବକ ପଛପଟୁ ଆସି ଯୁବତୀଙ୍କୁ ଅସଦାଚରଣ କରିଥିଲା । ଯୁବତୀ ଜଣକ ପାଟି କହିବାରୁ ଅଭିଯୁକ୍ତ ଜଣକ ଘଟଣା ସ୍ଥଳରୁ ଦୌଡ଼ି ପଳାଇଥିଲା ବୋଲି ଯୁବତୀ ଜଣକ ଥାନାରେ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି ।

## ରେଳ ଧାରଣା ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

ନିରାକାରପୁର(ନିପ୍ର): ଖୋର୍ଦ୍ଧାରୋଡ୍ ଜିଆରପି ଥାନା ନିରାକାରପୁର ରେଳବାଇ ଫାଣ୍ଡି ଅନ୍ତର୍ଗତ ବଡକୁଳ ଗାଁ ରେଳ ଧାରଣା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକଙ୍କ ପକେଟରୁ ମିଳିଥିବା ଆଧାର କାର୍ଡ ଅନୁଯାୟୀ, ତାଙ୍କ ନାମ ଅନନ୍ତ ରାଉତ । ସେ କେନ୍ଦୁଝର ଜିଲ୍ଲା ନାୟକୋଟ ଅଞ୍ଚଳର ବୋଲି ଜଣାପଡ଼ିଛି । ମୃତକଙ୍କ ପରିଚୟ ଅନନ୍ତ ରାଉତ, ପିତା- ଉଦୟନାଥ ରାଉତ । ଗ୍ରାମ: ନାୟକୋଟ, ଜିଲ୍ଲା- କେନ୍ଦୁଝର । ଖୋର୍ଦ୍ଧାରୋଡ୍ ରେଳବାଇ ଅନ୍ତର୍ଗତ ବଡକୁଳ ଗାଁ ଅଞ୍ଚଳର ଖୁଣ୍ଟି ନମ୍ବର ୫୨୯/୨୮ ନିକଟରୁ ମୃତଦେହଟି ମିଳିଛି । ଏହି ଘଟଣାରେ ଖୋର୍ଦ୍ଧାରୋଡ୍ ଜିଆରପି ପକ୍ଷରୁ କେସ୍ ନମ୍ବର ୧୩ (ତା ୧୫.୦୩.୨୦୨୬)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଉଦ୍ଧାର ହୋଇଥିବା ମୃତଦେହଟି ବିଭତ୍ସ ଅବସ୍ଥାରେ ଥିବା ବେଳେ ଏହା ଟ୍ରେନ୍ ଦୁର୍ଘଟଣା ଜନିତ ମୃତ୍ୟୁ ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଉଛି । ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରୁଛି ।

## ମଶାଣିରୁ ବୃଦ୍ଧାଙ୍କ ଗଳିତ ମୃତଦେହ ଉଦ୍ଧାର

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଧିନସ୍ଥ ମହାପାତ୍ର ବଲଣ୍ଡା ଗ୍ରାମ ମଶାଣିରୁ ପୋଲିସ ଜଣେ ବୃଦ୍ଧାଙ୍କ ଝୁଲନ୍ତା ଅବସ୍ଥାରେ ଏକ ଗଛରୁ ଗଳିତ ମୃତଦେହକୁ ଶନିବାର ଜବତ କରିଛି । ବୃଦ୍ଧା ଜଣକ ମହାପାତ୍ର ବଲଣ୍ଡାର ବୃଷ କିଷାନ (୭୨) । ବୃଦ୍ଧାଙ୍କ ପୁଅ ଦେହୁରୀ କିଷାନଙ୍କ ରିପୋର୍ଟ କ୍ରମେ ପୋଲିସ ମହୁଲପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଗଳିତ ମୃତଦେହକୁ ଜବତ କରି କୁଚିଣ୍ଡା ମେଡ଼ିକାଲରେ ବ୍ୟବଚ୍ଛେଦ କରାଇଛି । ସୂଚନା ମତେ ବୃଦ୍ଧା ଜଣକ ଗତ ୧୦ ତାରିଖରୁ ନିଖୋଜ ଥିଲେ । ଶନିବାର ସକାଳୁ ଗ୍ରାମ ମଶାଣିର ଏକ ଗଛରେ ଗଳିତ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀ ମହୁଲପାଲି ପୋଲିସକୁ ସୂଚନା ଦେଇଥିଲେ । ମହୁଲପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବାରେ ତାହା ନିଖୋଜ ବୃଦ୍ଧାଙ୍କ ଗଳିତ ମୃତଦେହ ବୋଲି ଜାଣିବାକୁ ପାଇଥିଲା । ବୃଦ୍ଧାଙ୍କ ମାନସିକ ଅବସ୍ଥା ଠିକ ନଥିବା ତାଙ୍କ ପୁଅ ପୋଲିସକୁ ଦେଇଥିବା ରିପୋର୍ଟରେ ଦର୍ଶାଇଛନ୍ତି ।

## ମା'ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ପାଇଁ ଶୁଭ ଖୁଣ୍ଟି ସ୍ଥାପନ

ଆସିକା(ନିପ୍ର): ଦକ୍ଷିଣ ଓଡିଶାର ତଥା ଆସିକାର ଅଧିଷ୍ଠାତ୍ରୀ ଦେବୀ ମା ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ଉପଲକ୍ଷେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା । ଆଜି ଅପରାହ୍ନ ସମୟରେ ମାଙ୍କ ଠାରେ ପୂଜା ଅର୍ଚ୍ଚନା ହୋଇଥିଲା । ମା ଙ୍କ ଆଜ୍ଞା ମାଳ ଆସିବା ପରେ ମନ୍ଦିର ପରିଚାଳନା କମିଟି, ପୂଜକ, ସାହିବାସୀ,ସମୂହ ମିଶି ଶୁଭ ଖୁଣ୍ଟିକୁ ସ୍ଥାପନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଗ୍ରାମବାସୀ,ଅର୍ଚ୍ଚକ,ବାରିକ, ଯାତ୍ରା କମିଟି ସଦସ୍ୟ ମାନେ ଉପସ୍ଥିତ ରହି ଯାତ୍ରା ପରିଚାଳନା ନିମନ୍ତେ ସୁଚିନ୍ତିତ ମତ ରଖିଥିଲେ । ଚୈତ୍ର ପୂର୍ଣ୍ଣିମା ଠାରୁ ମାଙ୍କ ନଗର ପରିକ୍ରମା ଆରମ୍ଭ ହୋଇ ବୈଶାଖୀ ଯାତ୍ରା ଏପ୍ରିଲ ୨୬ରେ ଶେଷ ହେବା ନେଇ ବୈଠକରେ ସ୍ଥିରକୃତ ହୋଇଛି ।

## ସିଏମସି ୱାର୍ଡ଼ ନଂ ୨୭ରେ ମହିଳା ସମ୍ମିଳନୀ

କଟକ,(ନିପ୍ର): କଟକ ମହାନଗର ନିଗମ ୱାର୍ଡ଼ ନଂ ୨୭ ସ୍ଥିତ ଜଗନ୍ନାଥ ଲଜଠାରେ ରବିବାର ସ୍ଥାନୀୟ କର୍ପୋରେଟର ଇତିଶ୍ରୀ ଦାସଙ୍କ ସଭାପତିତ୍ୱରେ ଏକ ୱାର୍ଡ଼ସ୍ତରୀୟ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ୱାର୍ଡର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କିପରି ସ୍ୱାବଲମ୍ବୀ, ଆତ୍ମନିର୍ଭରଶୀଳ ଓ ଆର୍ଥିକ ରୂପେ ସଶକ୍ତ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ସିଏମସି ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଣ୍ଡିଂ କମିଟି ଅଧକ୍ଷା ଏସ ଶ୍ରୀଦେବୀ, ପୁଷ୍ପିତା ମହାନ୍ତି, ବନଲତା ପ୍ରଧାନ, ଅରୁନ୍ଧତୀ କର, ମିନା ବିଶ୍ୱାଳ, ସରିତା ନାୟକ, ରଂଜିତା ଦାସ, ନମିତା ଦାସ, ମୌସୁମୀ ନନ୍ଦୀ, ସୁପ୍ରତି ପଟ୍ଟନାୟକ, ଭାରତୀ ଦାସଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ବହୁ ମହିଳା ସଦସ୍ୟ ଉପସ୍ଥିତ ଥିଲେ ।

### ଗଛରେ ପିଟି ହୋଇ ବିଲକୁ ଓଲଟିଲା କାର୍
# ପତ୍ନୀ ମୃତ: ସ୍ୱାମୀ ଓ ୨ ପୁଅ ଗୁରୁତର



ବୁଗୁଡ଼ା,(ନିପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ତାକରଡ଼ା ଗ୍ରାମ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି । ଏକ କାର ରାସ୍ତା କଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇ ଚାଷ ଜମିକୁ ଓଲଟି ପଡ଼ିଛି । ଏହି ଦୁର୍ଘଟଣାରେ ପତ୍ନୀଙ୍କର ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଓ ତାଙ୍କର ଦୁଇ ପୁଅ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ନୟାଗଡ଼ ଜିଲ୍ଲା ଓଡ଼ଗାଁ ଅଞ୍ଚଳର କୁନମୁନ ଚୌଧୁରୀ ନିଜ ପରିବାର ସହ ବ୍ରହ୍ମପୁରରୁ ଓଡ଼ଗାଁ ଅଭିମୁଖେ ଫେରୁଥିଲେ । ତାକରଡ଼ା ନିକଟରେ କାରଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଗାଡ଼ିଟି ରାସ୍ତା ତଳକୁ ଖସି ଚାଷ ଜମି ମଧ୍ୟରେ ଓଲଟି ପଡ଼ିଥିଲା । ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କାର ଭିତରେ ଫସି ରହିଥିବା ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର କୁନମୁନ ଚୌଧୁରୀଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁତର ସ୍ୱାମୀ ଓ ଦୁଇ ପୁଅଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲ୍କୁ ସ୍ଥାନାନ୍ତରିତ କରାଯାଇଛି ।ଦୁର୍ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ତେବେ ବୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଚଳାଇଛି ।

# ନିରକ୍ଷରଙ୍କୁ ସାକ୍ଷର ପାଇଁ 'ଉଲ୍ଲାସ' କାର୍ଯ୍ୟକ୍ରମ
### ପରୀକ୍ଷାରେ ବସିଲେ ୧୨୦୦ ବ୍ୟକ୍ତି

ନିମାପଡ଼ା(ନିପ୍ର): କେନ୍ଦ୍ର ସରକାରଙ୍କ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ଅଧୀନସ୍ଥ ଦ୍ୱିତୀୟ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ପରୀକ୍ଷା-୨୦୨୬ ଏହି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ୧୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ଅଣସାକ୍ଷର ବ୍ୟକ୍ତି ବିଶେଷ ଏହି ପରୀକ୍ଷା ଦେଇ ଆତ୍ମସନ୍ତୋଷ ଲାଭ କରିଥିବା ଜଣାପଡ଼ିଛି । ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପରୀକ୍ଷାରେ ୧୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷ ପରୀକ୍ଷାରେ ବସିଥିଲେ ବୋଲି ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ଦେଶରୁ ନିରକ୍ଷରତା ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ଏହି ଅଭିଯାନ ୨୦୨୫ ମସିହାରୁ ପୁରୀ ଜିଲ୍ଲାରେ ଆରମ୍ଭ କରାଯାଇଥିବା ବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମରେ ଅଧିକ



ବ୍ୟକ୍ତିମାନଙ୍କୁ ସାମିଲ କରାଯାଇଛି ବୋଲି ବ୍ଲକ୍ ସହକାରୀ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ ସୂଚନା ଦେଇଥିଲେ । ନିରକ୍ଷରଙ୍କୁ ସାକ୍ଷର କରାଇ ତାଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିବା ସହ ସଂସ୍କାର ମୂଳକ ଶିକ୍ଷା ଦ୍ୱାରା ସେମାନେ ଉଚ୍ଚ ଶିକ୍ଷାଲାଭ କରିପାରିବେ ବୋଲି ଯୋଜନାରେ ପ୍ରାଧାନ୍ୟ ଦିଆଯାଇଛି । ସମସ୍ତ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉଦ୍ୟମରେ ପରୀକ୍ଷା ଶୃଙ୍ଖଳାର ସହ ସମାପନ ହୋଇଥିବା ଜଣାପଡ଼ିଛି ।

# ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ନିମାପଡ଼ା(ନିପ୍ର): ନିମାପଡ଼ା ସିଭିଲ କୋର୍ଟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଅନୁଷ୍ଠିତ ହୋଇ ବିଭିନ୍ନ ମୋକଦ୍ଦମାର ଫଇସଲା କରାଯାଇଥିଲା । ଅତିରିକ୍ତ ଜିଲ୍ଲା ଜଜ୍ ସୌମ୍ୟକ୍ ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଦାଲତରେ ସବ୍-ଜଜ୍ ସଂଘମିତ୍ରା ବିଶ୍ୱାଳ, ମୁନସିଫ ସୌମ୍ୟ ରାଓ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୌରଭ ସାଗର ପ୍ରଧାନ ଏବଂ ଦର୍ଶିତା ମିଶ୍ର ପ୍ରମୁଖ ଯୋଗ ଦେଇ ୨୯ଟି ମାମଲା ଫଇସଲା କରି ୫୬ ଲକ୍ଷ ୬୭ ହଜାର ୧୫୯ ଟଙ୍କା ଆଦାୟ କରାଯାଇଥିଲା। ମୋଟ ୧୨୦ଟି ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୨୯ଟି ମାମଲା ସମାଧାନ ହୋଇଥିଲା । ଫୌଜଦାରୀ ମାମଲା ୮ଟିରୁ ୨ଟି, ଚେକ୍ ବାଉନ୍ସ ୨୨ରୁ ୬ଟି, ଟଙ୍କା ଆଦାୟ ମାମଲା ୯ଟି ରୁଜୁ, ମୋଟର ଦୁର୍ଘଟଣାଜନିତ ମାମଲା ୧୬ଟିରୁ ୪ଟି ସମାଧାନ ହୋଇଥିଲା ।

## ଇନ୍ଧନ ଗ୍ୟାସ ସିଲିଣ୍ଡର ଦରରେ ତାରତମ୍ୟ: ୨୨୦୦ରୁ ୩ ହଜାରରେ ମିଳୁଛି

ନିମାପଡ଼ା(ନିପ୍ର): ନିମାପଡ଼ା ପୌରାଂଚଳ ଏବଂ ପଂଚାୟତ ସମିତି ଅଂଚଳରେ ଗ୍ୟାସ୍ ସିଲିଣ୍ଡର ପ୍ରତି ସ୍ଥଳ ବିଶେଷରେ ୨୨୦୦ରୁ ୩ ହଜାର ଟଙ୍କାରେ ବିକ୍ରୟ କରାଯାଉଥିବା ନେଇ ଜନସାଧାରଣଙ୍କ ଠାରୁ ଶୁଣିବାକୁ ମିଳିଛି । ରଟିଲୋ ବଜାରରେ ଜନୈକ ମିଠା ଦୋକାନୀ ୨୭୦୦ ଟଙ୍କାରେ କିଣି ଥିଲେ ବୋଲି ସୂଚନା ଦେଇ ସିଲିଣ୍ଡର ଅଣ୍ଟିଆସାହିରୁ ମିଳିଥିଲା ବୋଲି କହିଥିଲେ । ହାଟ ବଜାର ଠାରେ ୨୫୦୦ ଟଙ୍କା, ତୁଳସୀପୁରରେ ୨୩୦୦ ଟଙ୍କା, ବାମନାଳରେ ୨୭୦୦ ଟଙ୍କା ଏବଂ ଅନ୍ୟାନ୍ୟ ସ୍ଥାନରେ ବିଭିନ୍ନ ଦରରେ ଗ୍ୟାସ୍ ସିଲିଣ୍ଡର ମିଳୁଥିବା ନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି । ଇନ୍ଧନ ଗ୍ୟାସ ସିଲିଣ୍ଡର କଳା ବଜାର ସୀମା ଟପି ଗଲାଣି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅଧିନସ୍ଥ ଗୁଦ୍ରାପଡା ଗ୍ରାମର ଉପରବନ୍ଧ(ପୋଖରୀ) ହିଡ଼ରେ ଥିବା ବରଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ କୁଚିଣ୍ଡା ପୋଲିସ ଉଦ୍ଧାର କରିଛି । ମୃତ ଯୁବକ ହେଲେ ଗୁଦ୍ରାପଡା ଗ୍ରାମର ମୁକେଶ କିଷାନ (୨୬) । ଏନେଇ ପୋଲିସ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁକରି କୁଚିଣ୍ଡା ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇଛି । ସୂଚନା ଅନୁଯାୟୀ, ରବିବାର ସକାଳେ ଗ୍ରାମବାସୀ ଯୁବକଙ୍କ ଝୁଲନ୍ତା ମୃତଦେହ ଦେଖି କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ । କୁଚିଣ୍ଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ପ୍ରାଥମିକ ତଦନ୍ତ କରିଥିଲା । କେଉଁ କାରଣରୁ ଯୁବକ ଜଣକ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ ।

# ନବରଙ୍ଗପୁର ଜିଲ୍ଲାରେ ଘରୋଇ ଗ୍ୟାସ ବୁକିଂ ହେଉନି : ଲୋକେ ଚିନ୍ତାରେ

ନବରଙ୍ଗପୁର(ନିପ୍ର): ନବରଙ୍ଗପୁର ଜିଲ୍ଲାର ଡାବୁଗାଁ ସହ ୧୦ ବ୍ଲକରେ ୫ ଦିନ ହେଲା ଘରୋଇ ଓ କର୍ମସିଆଲ ଗ୍ୟାସ ସଙ୍କଟ ଦେଖାଯାଇଛି । ଜିଲ୍ଲାର ଅଧିକାଂଶ ଛୋଟ ବଡ଼ ହୋଟେଲ ଓ ବଡ଼ବଡ଼ ରେଷ୍ଟୁରାଣ୍ଟକୁ କର୍ମସିଆଲ ଗ୍ୟାସ ନ ମିଳିବାରୁ ପାଞ୍ଚ ଦିନ ହେବ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସେହିପରି ଘରୋଇ ଗ୍ୟାସ ବୁକିଂ ମଧ୍ୟ ସହଜରେ ହେଉନାହିଁ । ଗ୍ୟାସ ନେବାର ୨୫ ଦିନ ପରେ ପରବର୍ତ୍ତୀ ଗ୍ୟାସ ପାଇବା ପାଇଁ ବୁକିଂ କରିବା ପାଇଁ ନିୟମ ଥିଲା କିନ୍ତୁ




ବର୍ତ୍ତମାନ ଗ୍ୟାସ ଅଭାବ ଯୋଗୁଁ ତାହାକୁ ୪୫ ଦିନ କରି ଦିଆଯାଇଛି । ହେଲେ ୫ ଦିନ ହେଲା ଅଧିକାଂଶ ଗ୍ରାହକ ଗ୍ୟାସ ବୁକିଂ ପାଇଁ ପ୍ରୟାସ କରିବା ସତ୍ତ୍ୱେ ଅନଲାଇନରେ ବୁକିଂ ହେଉନାହିଁ । ଯାହାକୁ ନେଇ ଘରୋଇ ଲୋକେ ବେଶ୍ ଚିନ୍ତାରେ ରହିଛନ୍ତି । ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଆଳ କରି ଗ୍ୟାସ ଯୋଗାଉଥିବା କିଛି ବ୍ୟକ୍ତି ମଧ୍ୟ କଳାବଜାରୀ କରିବା ଆରମ୍ଭ କଲେଣି । ଗ୍ୟାସର ଚୋରି ଓ ମାତ୍ରାଧିକ ମୂଲ୍ୟରେ କଳାବଜାରି କରିବା ଅଭିଯୋଗ ଉଠୁଛି । ସାଧାରଣ ଘରୋଇ ଲୋକଟିଏ ଗ୍ୟାସ ପାଇବା ନିମନ୍ତେ ବୁକିଂ ପରେ ବେଶ୍ ସପ୍ତାହେ ପର୍ଯ୍ୟନ୍ତ ଅପେକ୍ଷା କରୁଥିବା ବେଳେ ବର୍ତ୍ତମାନ ଗ୍ୟାସ ପ୍ରଦାନରେ ବ୍ୟାପକ ହେରାଫେରି ହେଉଛି । ଘରୋଇ ଗ୍ୟାସର ମୂଲ୍ୟ ୬୦ଟଙ୍କା ସିଲିଣ୍ଡର ପିଛା ବୃଦ୍ଧି ପାଇବା ପରଠାରୁ ସହରରେ ଗ୍ୟାସ ଯୋଗାଣରେ ବିଳମ୍ବ ହେଉଛି । ପୂର୍ବରୁ ବୁକିଂର ୪୮ ଘଣ୍ଟା ମଧ୍ୟରେ ଗ୍ୟାସ ଆସୁଥିଲା । ହେଲେ ଏବେ ଘରୋଇ ହିତାଧିକାରୀ ସହଜରେ ଗ୍ୟାସଟି ପାଇପାରୁନାହିଁ । ଏ ସଂକ୍ରାନ୍ତରେ ଜାଣିବା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଯାଗାଯୋଗ ପାଇଁ ଚେଷ୍ଟା କରିଥିଲୁ କିନ୍ତୁ ଯୋଗାଯୋଗ ହୋଇ ପାରିଲା ନାହିଁ । ସର୍ଭର ଡାଉନ ଯୋଗୁଁ ଅନଲାଇନ ବୁକିଙ୍ଗ ପାଇଁ ବହୁତ ଅସୁବିଧା ହେଉଛି । ତେବେ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେଲେ କିଛି ମାତ୍ରାରେ ସାଧାରଣ ଜନତା ଉପକୃତ ହୋଇ ପାରିଥାନ୍ତେ ।

# 'ରକ୍ତମୁଖା' ହନୁର ଆତଙ୍କ: ପୁଣି ଜଣେ ମହିଳା ଗୁରୁତର

ନିରାକାରପୁର(ନିପ୍ର): ବିଭାଗୀୟ ଖାମଖିଆଲ ମନୋଭାବ ଓ ପ୍ରଶାସନିକ ଶିଥିଳତା ଯୋଗୁଁ ଆଜି ନିରାକାରପୁର ଅଞ୍ଚଳରେ ନିର୍ଦ୍ଦିଷ୍ଟ ରକ୍ତମୁଖା ମାଙ୍କଡ଼ର 'ନରସଂହାର' ସଦୃଶ ଆତଙ୍କ ଦେଖିବାକୁ ମିଳିଛି । ଗୋଟିଏ ପଟେ ସାଧାରଣ ଲୋକଙ୍କ ଜୀବନ ବିପନ୍ନ, ଅନ୍ୟପଟେ ବନ ବିଭାଗର 'ଚୁପ୍' ରହିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନ ଅସନ୍ତୋଷ ସୃଷ୍ଟି କରିଛି । ରବିବାର ଦିନ ୧୨ଟା ବେଳେ ଏକ ଅଭାବନୀୟ ଘଟଣା ଘଟିଛି । ନିରାକାରପୁର ଲକ୍ଷ୍ମୀ ବଜାରସ୍ଥିତ ପ୍ରମୋଦ କୁମାର ଦାସଙ୍କ



ପତ୍ନୀ ଚନ୍ଦ୍ରକାନ୍ତି ଦାସ (୪୨) ନିଜ ଘର ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ଏକ ହିଂସ୍ର ମାଙ୍କଡ଼ ବାଘ ଭଳି ତାଙ୍କ ଉପରକୁ ଝାମ୍ପି ପଡ଼ିଥିଲା । ଆକ୍ରମଣ ଏତେ ବର୍ବର ଥିଲା ଯେ, ମାଙ୍କଡ଼ଟି ତାଙ୍କ ଡାହାଣ ହାତରୁ ମାଂସ ତାଡ଼ି ନେଇ ପଳାଇଥିଲା । ପ୍ରବଳ ରକ୍ତସ୍ରାବ ଯୋଗୁଁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ କିଛି ଦିନ ମଧ୍ୟରେ ଏହି ମାଙ୍କଡ଼ ୩୦ରୁ ଅଧିକ ଲୋକଙ୍କୁ କାମୁଡ଼ି ରକ୍ତାକ୍ତ କଲାଣି । ବନ ବିଭାଗକୁ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ ସେମାନେ ମାଙ୍କଡ଼ଟିକୁ ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାଙ୍କ ପର୍ଯ୍ୟନ୍ତ କେହି ବି ସୁରକ୍ଷିତ ନୁହନ୍ତି । ବନ ବିଭାଗର ଏହି ଢିଲାପଣ କୌଣସି ବଡ଼ ଅଘଟଣକୁ ଅପେକ୍ଷା କରୁଛି କି ? ଏହା ହେଉଛି ନିରାକାରପୁରବାସୀଙ୍କ ମନର କ୍ରୋଧ । ମାଙ୍କଡ଼ ଆତଙ୍କ ଯୋଗୁଁ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି । ବଜାର, ଘାଟ ସବୁଠି ଏବେ ମାଙ୍କଡ଼କୁ ନେଇ କୋକୁଆଭୟ । ବନ ବିଭାଗର ଏହି ଚରମ ଅବହେଳାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ତୁରନ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଏହି ଘଟଣାରେ ହସ୍ତକ୍ଷେପ କରନ୍ତୁ । ରକ୍ତମୁଖା ମାଙ୍କଡ଼କୁ ଟ୍ରାଙ୍କୁଲାଇଜ୍ କରି ଧରାଯାଉ ଏବଂ ଆହତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ସାଧାରଣରେ ଦାବି ହେଉଛି ।

## ଚିଲିକା ନୂଆପଡ଼ାରେ ଦଶଦୋଳ

କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ଐତିହାସିକ ଚିଲିକା ନୂଆପଡା ଦଶଦୋଳ ଯାତ୍ରା ମହୋତ୍ସବ ଶନିବାରଠାରୁ ଆରମ୍ଭ ହୋଇଯାଇଛି । ମୁଖ୍ୟ ପୀଠାଧିଶ ଗୁପ୍ତେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରୁ ୧୬ଠାକୁର ସୁସଜ୍ଜିତ ବିମାନରେ ପଟୁଆରରେ ଆସି ପୂଜା ମଣ୍ଡପରେ ବିରାଜମାନ ହୋଇଥିଲେ । ପ୍ରତ୍ୟେହ ସଂନ୍ଧ୍ୟାରେ ପାରମ୍ପରିକ ଲୋକନୃତ୍ୟ ଭାରତଲୀଳା, ଚିତାକର୍ଷକ ପାଇକ



ଆଖଡ଼ା ପ୍ରଦର୍ଶନ ସହିତ ମନୋରଞ୍ଜନ ନିମନ୍ତେ ରାତ୍ର କାଳରେ ଅପେରା ପାର୍ଟି ନାଟକ ପରିବେଷଣ କରୁଛନ୍ତି । ଚଳିତ ବର୍ଷ ପ୍ରଶାସନିକ କଟକଣା ଯୋଗୁଁ ଆତସବାଜି ପ୍ରଦର୍ଶନକୁ ବାରଣ କରାଯାଇଛି । ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ କମିଟିର ସଭ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି । ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀ କାନ୍ତ ଜେନା, ସମ୍ପାଦକ ସୁକାନ୍ତ କୁମାର ପ୍ରଧାନଙ୍କ ସମେତ ୩୫ ଜଣିଆ କମିଟି ଏବଂ ଚିଲିକା ନୂଆପଡା ୪୫୦ ଘର ଗ୍ରାମବାସୀ ଯାତ୍ରା ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି । ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ପୋଲିସ ଫୋର୍ସ ମୁତୟନ କରାଯାଇଛି । ମଙ୍ଗଳବାର ପ୍ରତ୍ୟୁଷରୁ ମେଳଣ ପର୍ବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ଠାରୁ ପ୍ରକାଶ ।





ଓଡ଼ିଶା ଲଳିତ କଳା ଏକାଡେମୀର ୬୬ତମ ପ୍ରତିଷ୍ଠା ଦିବସରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରୀଠାରେ ଚିତ୍ରାଙ୍କନ ପ୍ରତିଯୋଗିତା (ଫଟୋ- ଦିନଲିପି)

# ବିଭିନ୍ନ ଶିଳ୍ପ ସମ୍ବନ୍ଧରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ପାରାଦୀପ, ୧୫/୩(ନିପ୍ର):** ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପରେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବୃହତ୍ ଶିଳ୍ପ ପ୍ରତିଷ୍ଠା ସଂପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ଆଗାମୀ ଦିନରେ ପାରାଦୀପ ଭାରତର ଏକ ବଡ ଇକୋନୋମିକ ଜୋନ ହେବାକୁ ଯାଉଛି ବୋଲି ମତ ଦେଇ ଏହି ଅଞ୍ଚଳରେ ସ୍ଥାପିତ ହେବାକୁ ଥିବା ସମସ୍ତ ଭିତ୍ତିଭୂମି ଓ ଶିଳ୍ପ ପ୍ରକଳ୍ପ ଗୁଡ଼ିକ ଯେପରି ତୁରନ୍ତ ଆରମ୍ଭ ହେବ, ସେଥିପାଇଁ ପଦକ୍ଷେପ ନେବାକୁ ସେ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପାରାଦୀପ ପୋର୍ଟର ସମ୍ପ୍ରସାରଣ, ଜାହାଜ ନିର୍ମାଣ ଓ ମରାମତି କାରଖାନା,ବନ୍ଦର ବିକାଶ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ, ଆଇଓସିଏଲ ଏବଂ ଜେଏସଡବ୍ଲ୍ୟୁ ପକ୍ଷରୁ ବିକଶିତ ହେବାକୁଥିବା ଶିଳ୍ପାନୁଷ୍ଠାନ ବିଷୟରେ ବୈଠକରେ ବିସ୍ତୃତ ଭାବେ



ଆଲୋଚନା ହୋଇଥିଲା। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ ରିଜନ, ଏମଏନଏସ ଭାରତ ପକ୍ଷରୁ ପାରାଦୀପରେ ବିକଶିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦ୍ୱୀପ ପେଟ୍ରୋ କେମିକାଲ ପ୍ରକଳ୍ପ , ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ରୋଜେକ୍ଟ ପ୍ରତିଷ୍ଠା ସହିତ ଏସବୁ ପ୍ରକଳ୍ପ ଗୁଡିକର ଭୂମି ଅଧିଗ୍ରହଣଠାରୁ ଆରମ୍ଭ କରି ବିଭିନ୍ନ ଅନୁମୋଦନ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ପଡିରହିଥିବା କାର୍ଯ୍ୟକୁ ଯଥାଶୀଘ୍ର ସମାଧାନ କରି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କାମକୁ ତ୍ୱରାନ୍ୱିତ କରିବା ପାଇଁ ମଖ୍ୟମନ୍ତ୍ରୀ ଜିଲ୍ଲାପ୍ରଶାସନ ଓ ଶିଳ୍ପାନୁଷ୍ଠାନର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶିଳ୍ପାନୁଷ୍ଠାନରେ ଓଡ଼ିଶାର ଯୁବପିଢୀ ବିଶେଷ କରି ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେଇଥିଲେ।

# ବିକଶିତ ଓଡ଼ିଶା ପାଇଁ ସାମୂହିକ ସଂକଳ୍ପ ନେବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର, ୧୫/୩(ନିପ୍ର):** ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରବିବାର ନୂଆଦିଲ୍ଲୀଠାରେ ଆୟୋଜିତ ଓଡ଼ିଶା ପର୍ବ–୨୦୨୬ରେ ଯୋଗଦେଇ ଓଡ଼ିଶା ୨୦୩୬ ମସିହାରେ ରାଜ୍ୟ ଗଠନର ଶତବାର୍ଷିକୀ ପୂର୍ତ୍ତି ଆଡ଼କୁ ଗତି କରୁଥିବା ବେଳେ ସମୃଦ୍ଧ, ସମାବେଶୀ ଓ ଅଗ୍ରଗାମୀ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସାମୂହିକ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟପାଳ




କହିଥିଲେ ଯେ ୨୦୩୬ ବର୍ଷ କେବଳ ଓଡ଼ିଶାର ଐତିହାସିକ ଯାତ୍ରାର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ନୁହେଁ ବରଂ ରାଜ୍ୟର ଉପଲବ୍ଧିଗୁଡ଼ିକୁ ସ୍ମରଣ କରି ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖି ଆହୁରି ଶକ୍ତିଶାଳୀ ଓ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାମ କରିବାର ସୁଯୋଗ ମଧ୍ୟ ହେବ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ପର୍ବରେ ଯୋଗଦେବା ତାଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ। ଏହି ପର୍ବ ନୂଆଦିଲ୍ଲୀରେ ଓଡ଼ିଶାର ଆତ୍ମା, ଚେତନା ଓ ସାଂସ୍କୃତିକ ସମୃଦ୍ଧିକୁ ପ୍ରଦର୍ଶନ କରିବାର ଏକ ପ୍ରକୃଷ୍ଟ ମଞ୍ଚ ଭାବେ ପରିଣତ ହୋଇଛି। ବର୍ଷ ବର୍ଷ ଧରି ଏହି ଉତ୍ସବ ଏକ ଅନନ୍ୟ ଆୟୋଜନରେ ପରିଣତ ହୋଇଛି ଯେଉଁଥିରେ କଳା, ସଂସ୍କୃତି, ଐତିହ୍ୟ, ଉଦ୍ୟମିତା ଓ ବିଶ୍ୱବ୍ୟାପୀ ରହୁଥିବା ଓଡ଼ିଆମାନଙ୍କର ସାମୂହିକ ପରିଚୟ ଏକତ୍ର ହୋଇଥାଏ ବୋଲି ରାଜ୍ୟପାଳ ମତପ୍ରକାଶ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ "ସଂସ୍କୃତି ଓ ପ୍ରକୃତି" ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏହା ଓଡ଼ିଶାର ଅନନ୍ୟ ଚରିତ୍ରକୁ ସୁନ୍ଦର ଭାବେ ପ୍ରତିଫଳିତ କରିପାରିଛି ଯେଉଁଠାରେ ସଂସ୍କୃତି ଓ ପ୍ରକୃତିର ସମନ୍ୱୟ ଘଟିଛି।

# ଜିରୋ ଟଲରେନ୍ସ ଚେକିଂ କଡ଼ାକଡ଼ି

## *୧୭ ଚାଲାଣ; ୯୩ ହଜାର ଜରିମାନା*

**ଭଦ୍ରକ, ୧୫/୩(ନିପ୍ର):** ଏହି ଜିଲାର ଧାମନଗର କଲେଜ ନିକଟରେ ଧାମନଗର ପୋଲିସ ଓ ଭଦ୍ରକ ଆରଟିଓ ମିଳିତ ଭାବେ ଜିରୋ ଟଲରେନ୍ସ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଅଭିଯାନ ସମୟରେ ମୋଟର ସାଇକେଲ, ଟ୍ରକ୍ ଟ୍ରାକ୍ଟର କାର ଓ ଅନ୍ୟାନ୍ୟ ଯାନବାହନ ଗୁଡ଼ିକରେ ହେଲମେଟ୍, ଫିଟନେସ, ଇନସୁରାନ୍ସ, ଡ୍ରାଇଭିଂ ଲାଇସେନ୍ସ ଓ ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ ଅଭିଯୋଗରେ ମୋଟ ୧୭ଟି ଚାଲାଣ କଟାଯାଇ ୯୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବିଶେଷ କରି ଦୁଇଚକିଆ ଚାଳକମାନଙ୍କ ମଧ୍ୟରେ ହେଲମେଟ୍ ନ ପିନ୍ଧିବା, ଯାନର ଫିଟନେସ ଓ ଇନସୁରାନ୍ସ ନଥିବା ଘଟଣା ଅଧିକ ଦେଖିବାକୁ ମିଳିଥିଲା। ଏହି ଚେକିଂରେ ଜୁନିୟର ଏମଭିଆଇ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ ଓ ଧାମନଗର ଥାନାର ଏଏସଆଇ ସୁଜିତ୍ ରାଉତ ଉପସ୍ଥିତ ଥିଲେ। ଅନ୍ୟପଟେ ଚେକିଂ ସମୟରେ କିଛି ଚାଳକ ଧାମନଗର ଅଂଚଳର ରାସ୍ତା ଅବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନଙ୍କ କହିବା ଅନୁସାରେ ଅନେକ ସ୍ଥାନରେ ରାସ୍ତା ଭଙ୍ଗା ଓ ଗାତ ହୋଇଥିବାରୁ ଦୁର୍ଘଟଣାର ଭୟ ରହୁଛି, ତଥାପି କଡ଼ା ଚେକିଂ କରାଯାଉଛି। ପ୍ରଥମେ ରାସ୍ତା ମରାମତି ପରେ କଡ଼ା କାର୍ଯ୍ୟାନୁଷ୍ଠାନ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଥିଲେ। ଉଭୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ସଡକ ସୁରକ୍ଷା ଓ ଦୁର୍ଘଟଣା ରୋକିବା ପାଇଁ ଏଭଳି ଜିରୋ ଟଲରେନ୍ସ ଚେକିଂ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

KERALA ENGLISH MEDIUM SCHOOL
Affiliated to CBSE, New Delhi, (Senior Secondary)
ADMISSION OPEN 2026-27
XI(SCIENCE & COMMERCE)
• CBSE SCHOOLING
• IIT-JEE COACHING
• MEDICAL COACHING
• OLYMPIADS COACHING
A RESIDENTIAL-CUM-DAY SCHOOL
SEPARATE HOSTEL FACILITIES FOR BOYS AND GIRLS
9439060431, 8260283695
SHIKSHA NAGARI, CHAMPUA, KEONJHAR, ODISHA-758041



KISS
KALINGA INSTITUTE OF SOCIAL SCIENCES
Organisation in Special Consultative Status with the United Nations Economic & Social Council (UN-ECOSOC)

KALINGA INSTITUTE OF SOCIAL SCIENCES (KISS)
Bhubaneswar, Odisha, India
A home for 80,000 Tribal children

KISS HUMANITARIAN AWARD 2025

PAST RECIPIENTS

- Mr. Bill Gates
  Co-chair of the Bill & Melinda Gates Foundation, and Co-Founder & former CEO of Microsoft (2023)
- Her Excellency Mama Rachel Ruto, EGH
  First Lady of the Republic of Kenya (2022)
- Mr. Ratan Naval Tata,
  Chairman Emeritus, Tata Sons (2021)
- Dr. Ary S Graça
  President-International Volleyball Federation (FIVB) (2020)
- Dr. Dansa KOUROUMA
  President, National Transition Council of Guinea, Guinea (2019)
- Professor Muhammad Yunus
  (Nobel Laureate) Founder, Grameen Bank, Bangladesh (2018)
- His Holiness The 14th Dalai Lama
  Nobel Laureate, 2005 and Spiritual Leader (2017)
- Ms. Ashley Judd,
  Hollywood Actor, Activist & Global Goodwill Ambassador, UNFPA (2016)

16th March 2026

Smt. Nita M. Ambani, Founder and Chairperson, Reliance Foundation receiving the prestigious KISS Humanitarian Award 2025

AWARDEES ARE FROM
5 Continents | 13 Countries | 2 Nobel Laureates among the awardees

Chief Guest: Prof. Mohan Munasinghe, Nobel Laureate from Sri Lanka

• KISS Humanitarian Award
Founded by Dr. Achyuta Samanta, Founder, KIIT-KISS-KIMS
• Watch Live on Kalinga TV from 5.00 p.m. onwards

- His Excellency Dr Alejandro Toledo,
  Former President of Peru (2015)
- Ms. Anne F. Stenhammer
  Former Regional Programme Director, UN Women, South Asia Regional Office (2014)
- Madam Albina Du Boisrouvray
  Founder, Association François-Xavier Bagnoud (FXB International), Switzerland (2013)
- His Excellency Lyonchhen Jigmi Y. Thinley
  Hon'ble Prime Minister, The Royal Government of Bhutan (2012)
- Rt Hon. Lord Nicholas Addison Phillips
  President (Chief Justice) of the Supreme Court of the United Kingdom (2011)
- Rt. Hon. Sir Anerood Jugnauth
  Eminent Social Worker & His Excellency the President of Mauritius (2010)
- Dr. Ham Kee-Sun
  Eminent Educationist & Physician and Hon'ble President & Founder, Hanseo University, South Korea (2009)
- Ms. Edna Bomo Molewa
  Noted Social Worker & Hon'ble Cabinet Minister, Social Development, South Africa National Assembly, South Africa (2008)

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT, KISS & KIMS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta





Printed and Published by Arun Kumar Dash on behalf of M/s SURYO MEDIA PVT. LIMITED and Printed at M/s SURYO MEDIA PVT. LIMITED, Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ